


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

## The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ............

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୫ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 MAY 2025

Vol.No. 36 ■ No.137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବିଷୁବ ସଂଖ୍ୟା

ସାଗରିକା


ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net







ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୫ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 25 MAY 2025

Vol.No. 36 ■ No.137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବିଷୁବ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ବିକାଶ ପାଇଁ ମାନସ ମନ୍ଥନ

ନୂଆଦିଲ୍ଲୀ, ୨୪/୫ : ନୀତି ଆୟୋଗ ବୈଠକରେ ମୋଦୀଙ୍କ ମନ୍ତ୍ର । ମୁଖ୍ୟମନ୍ତ୍ରୀମାନଙ୍କୁ ସଫଳତାର ମନ୍ତ୍ର ଦେଇ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ପ୍ରତି ଭାରତୀୟଙ୍କ ଲକ୍ଷ୍ୟ ବିକଶିତ ଭାରତ । ଗୋଟିଏ ରାଜ୍ୟ ଗୋଟିଏ ବିଶ୍ୱସ୍ତରୀୟ ଲକ୍ଷ୍ୟ ଉପରେ ଫୋକସ କରିବାକୁ କହିଛନ୍ତି ମୋଦୀ । ଏଥିସହ କହିଛନ୍ତି ଗୋଟିଏ ଟିମ୍ ହୋଇ କାମ କରନ୍ତୁ କେନ୍ଦ୍ର ଓ ରାଜ୍ୟ । ଆଜି ଦିଲ୍ଲୀରେ ଶେଷ ହୋଇଛି ନିତି ଆୟୋଗର ୧୦ମ ବୈଠକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ବିକଶିତ ଭାରତର ନକ୍ସା ଆଙ୍କିଛନ୍ତି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ । ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ ସଂକଳ୍ପକୁ ସତ କରିବାକୁ ଆହ୍ୱାନ ଦେଇଛନ୍ତି




ମୋଦୀ । ଏହାଛଡା ମୋଦୀ କହିଛନ୍ତି କେନ୍ଦ୍ର ଓ ରାଜ୍ୟ ଟିମ୍ ଇଣ୍ଡିଆ ହୋଇ କାମ କଲେ, କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ । ବିକଶିତ ହେଲେ ରାଜ୍ୟ, ବିକଶିତ ହେବ ଭାରତ କାର୍ଯ୍ୟକ୍ଷେତ୍ରରେ ଅଧିକରୁ ଅଧିକ ମହିଳାଙ୍କୁ ସାମିଲ କରିବା ଜରୁରୀ । ଯାହାଦ୍ୱାରା ବିକାଶର ବେଗରୁ ଆହୁରି ତ୍ୱରାନିତ୍ୱ କରିବାକୁ ହେବ । ଦ୍ରୁତ ଓ ବିକଶିତ ସହରୀକରଣ ଉପରେ ଗୁରୁତ୍ୱ ଦେବାକୁ ପଡିବ । ୨୦୪୭ ବିକଶିତ ଭାରତର ସ୍ୱପ୍ନ ପୁରା ପାଇଁ ଟିମ୍ ଇଣ୍ଡିଆ ହୋଇ କେନ୍ଦ୍ର ଓ ରାଜ୍ୟ ଏକାଠି କାମ କରିବାକୁ ପରାମର୍ଶ ଦେଇଛନ୍ତି । ସେପଟେ ନିତି ଆୟୋଗ ବୈଠକ ପରେ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ତେବେ ପ୍ରଚାର ମଇଦାନ ହେଉ କି କୌଣସି ଦଳୀୟ କାର୍ଯ୍ୟକ୍ରମ । ବିରୋଧୀ ଦଳର ନେତା ମାନେ ବିଭିନ୍ନ ପ୍ରସଙ୍ଗ ଉଠାଇ ମୋଦୀଙ୍କ ବିରୋଧରେ ବୟାନବାଜୀ କରିଥାନ୍ତି । ତେବେ ଆଜିର ବୈଠକ ସରିବା ପରେ ପ୍ରଧାନମନ୍ତ୍ରୀଙ୍କ ସହ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଏକ ଅଲଗା ଅନ୍ଦାଜ ଦେଖିବାକୁ ମିଳିଛି । କିଏ ଚା କପ ଧରି ଚର୍ଚ୍ଚା କରିଛନ୍ତି ତ ପୁଣି କିଏ ପ୍ରଧାନମନ୍ତ୍ରୀଙ୍କ ସହ ହସଖୁସି କରୁଥିବା, ମୁଣ୍ଡପୋତି ପ୍ରଣାମ କରୁଥିବା ଆଉ କିଏ ହାତ ମିଳାଉଥିବା ଦେଖିବାକୁ ମିଳିଛି । ଯାହାର ଫଟୋ ଓ ଭିଡିଓ ବେଶ ଚର୍ଚ୍ଚା ସାଉଁଟିଛି ।

## ଚାକିରି କନିଷ୍ଠ ଯନ୍ତ୍ରୀ: ହେଲେ ସମ୍ପତ୍ତି ଅଚଳାଚଳ, ସୁଶାନ୍ତ ସେଠୀଙ୍କୁ ଗିରଫ କଲା ଭିଜିଲାନ୍ସ

ଭୁବନେଶ୍ୱର, ୨୪/୫ (ନି.ପ୍ର): ଚାକିରି କନିଷ୍ଠ ଯନ୍ତ୍ରୀ । ହେଲେ ସମ୍ପତ୍ତି, ଅଚଳାଚଳ । କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ନୂଆପଡ଼ା ଡିଭିଜନ୍‌ର କନିଷ୍ଠ ଯନ୍ତ୍ରୀ ଥିଲେ ସୁଶାନ୍ତ ସେଠୀ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି । ତେବେ ଗତକାଲି ଭୁବନେଶ୍ୱରରେ ଦୁଇ ଦୁଇଟି ବହୁତଳ କୋଠା,



୯ଟି ଦାମୀ ପ୍ଲଟ୍, ଫାର୍ମ ହାଉସ୍, ୫୦ ଲକ୍ଷ ଟଙ୍କାର ବୀମା ଓ ବ୍ୟାଙ୍କ ବାଲାନ୍ସ ଏମିତି କେତେ କଣ । ଆୟବହିର୍ଭୁତ ସମ୍ପତ୍ତିଠୁଳ ଅଭିଯୋଗରେ ରେଡରୁ ନୂଆପଡ଼ା ଆର ଆଣ୍ଡ ବି କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କ ପାଖରୁ ଏମିତି ବିପୁଳ ସମ୍ପତ୍ତି ଠାବ କରିଥିଲା ଭିଜିଲାନ୍ସ । ତେବେ ଭୁବନେଶ୍ୱର ଘରେ ଚଢ଼ାଉ ବେଳେ ସୁଶାନ୍ତଙ୍କ ପତ୍ନୀଙ୍କ ରୋବାବ୍ ଦେଖି ତାଜୁବ୍ ହୋଇ ଯାଇଥିଲେ ତଦନ୍ତକାରୀ ଟିମ୍ । ଏକକାଳୀନ ୮ଟି ସ୍ଥାନରେ ରେଡରୁ ସାମ୍ନାକୁ ଆସିଥିଲା ଇଞ୍ଜିନିୟର ସୁଶାନ୍ତ ବାବୁଙ୍କ ଅସତ୍ ଅର୍ଜନର କଳା ଚିଠା ।

▶▶ପୃଷ୍ଠା ୭

## ବାଂଲାଦେଶୀଙ୍କ ପାଇଁ ଟ୍ୱିନ୍ ସିଟିରେ ଅପରାଧ ବଢୁଛି

ଭୁବନେଶ୍ୱର, ୨୪/୫ (ନି.ପ୍ର): ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପାଇଁ ଟ୍ୱିନ୍ ସିଟିରେ ଅପରାଧ ବଢୁଛି । ବସ୍ତିରୁ ବାର୍ ବାଂଲାଦେଶୀ ଅନୁପ୍ରବେଶକାରୀ ସବୁଠି ମାତିଛନ୍ତି । ବାଂଲାଦେଶୀଙ୍କ ଅନୁପ୍ରବେଶ ନେଇ ଏଭଳି ପ୍ରତିକ୍ରିୟା ଦେଇଛନ୍ତି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର । ସେ କହିଛନ୍ତି ଯେ ଅନୁପ୍ରବେଶକାରୀ ଚୋରା ନିଶା କାରବାର ସହିତ ଅପରାଧ ଘଟାଉଛନ୍ତି । ଚେକ୍ ଦେବାକୁ ନଗର ଉନ୍ନୟନ ଓ ଅବକାରୀ ବିଭାଗର ଆକ୍ସନ୍ ପ୍ଲାନ୍ ପ୍ରସ୍ତୁତ ହୋଇଛି । ସହରକୁ ସୁରକ୍ଷିତ ରଖିବାକୁ ଅନୁପ୍ରବେଶକାରୀ ମୁକ୍ତ କରାଯିବ । ବସ୍ତିରେ ରହୁଥିବା ଅପରାଧିଙ୍କ ଘରକୁ ଭଙ୍ଗା ଯାଉଛି ବୋଲି ମନ୍ତ୍ରୀ କହିଛନ୍ତି ।

## ଭିଜିଲାନ୍ସ ଜାଲରେ ଏଏସଆଇ ଓ ହୋମଗାର୍ଡ

ଭୁବନେଶ୍ୱର, ୨୪/୫ (ନି.ପ୍ର): ଭିଜିଲାନ୍ସ ଜାଲରେ ଏଏସଆଇ ଓ ହୋମଗାର୍ଡ । ଖୋର୍ଦ୍ଧା ଜିଲ୍ଲା ବୋଲଗଡ ଥାନା ଅନ୍ତର୍ଗତ ବନକୋଇ ଆଉଟପୋଷ୍ଟରେ କାର୍ଯ୍ୟରତ ଏଏସଆଇ ତୁଷାରକାନ୍ତ ନାୟକ ଓ ହୋମଗାର୍ଡ ପ୍ରଶାନ୍ତ କୁମାର ସୁନ୍ଦରରାୟ ଲାଂଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି । ଏକ ମାମଲାରେ ଅଭିଯୋଗକାରୀଙ୍କୁ ସାହାଯ୍ୟ କରିବା ଓ ଏହି ମାମଲାର ତଦନ୍ତ କରୁଥିବା ଶ୍ରୀ ନାୟକଙ୍କ ପକ୍ଷରୁ ଦାବି ହୋଇଥିବା ୧୦ହଜାର ଟଙ୍କାକୁ ଜବତ କରିଛି ଭିଜିଲାନ୍ସ । ପୂର୍ବ ଯୋଜନା ମୁତାବକ ଲାଂଚ ଟଙ୍କା ନେବା ବେଳେ ତାଙ୍କୁ ମାଡିବସିଛି ଭିଜିଲାନ୍ସ । ତାଙ୍କ ଠାରୁ ସଂପୂର୍ଣ୍ଣ ଟଙ୍କା ଜବତ ଓ ଉଦ୍ଧାର କରାଯାଇଛି । ଏହାପରେ ଆୟ ବହିର୍ଭୁତ ସଂପତି ଠୁଳ କରିବା ଅଭିଯୋଗରେ ତାଙ୍କର ଦୁଇଟି ଠିକଣାରେ ଭିଜିଲାନ୍ସ ଚଢାଉ କରିଛି ।

## ବଦଳିବ ସ୍ମାର୍ଟ ସିଟିର ରୂପରେଖ

ଭୁବନେଶ୍ୱର, ୨୪/୫ (ନି.ପ୍ର): ବଦଳିବ ସ୍ମାର୍ଟସିଟିର ରୂପରେଖ । ସ୍ମାର୍ଟ ସିଟିକୁ କେନ୍ଦ୍ର ସରକାର ଆରମ୍ଭ କରିଥିଲେ । ଯାହା ଠିକ ଭାବରେ ହୋଇ ପାରିନାହିଁ । ସ୍ମାର୍ଟ ସିଟିର କିଭଳି ଭାବରେ ସୌନ୍ଦର୍ଯ୍ୟକରଣ ହୋଇପାରିବ, ବିକଶିତ ହୋଇ ପାରିବ ସେଥିପାଇଁ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି । ସ୍ମାର୍ଟ ସିଟି ସବୁ ସହରରେ କିଭଳି କାମ କରି ପାରିବ ମୁଖ୍ୟମନ୍ତ୍ରୀ ଅନୁଧ୍ୟାନ କରିଛନ୍ତି । କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ସ୍ମାର୍ଟ ସିଟିର ବିକାଶ କରାଯିବ ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି ।

## ଆଜିଠୁ ବଢ଼ିବ ବର୍ଷା: ବଜ୍ରପାତ ସହ ପବନ

ଭୁବନେଶ୍ୱର, ୨୪/୫ (ନି.ପ୍ର): ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଇତିମଧ୍ୟରେ ମୌସୁମୀ କେରଳ ଛୁଇଁଥିବାବେଳେ ଏହା ପ୍ରଭାବରେ ରାଜ୍ୟରେ ପ୍ରାକ୍‌ମୌସୁମୀ ବର୍ଷା ଆରମ୍ଭ ହୋଇଛି । ଉତ୍ତର ଉପକୂଳ ଓଡ଼ିଶା ଏବଂ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ବର୍ଷାର ବିସ୍ତୃତି ବଢ଼ିବା ସହ କିଛି ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଭଦ୍ରକ, କଟକ, ଯାଜପୁର, କେନ୍ଦ୍ରପଡ଼ା ଓ ଜଗତ୍‌ସିଂହପୁର ଆଦି ଜିଲାର କିଛି ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା



ଥିବାରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି । ସେହିପରି ଅପରାହ୍ନ ଓ ସନ୍ଧ୍ୟାରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଢେଙ୍କାନାଳ, ଗଞ୍ଜାମ, ମୟୂରଭଞ୍ଜ, କେନ୍ଦୁଝରଗଡ଼, ବାଲେଶ୍ୱର, ନୟାଗଡ଼, ଖୋର୍ଦ୍ଧା, ପୁରୀ, କନ୍ଧମାଳ ଆଦି ଜିଲାରେ ପ୍ରବଳ ବର୍ଷା ହୋଇପାରେ । ଏହି ସମସ୍ତ ଜିଲାରେ ବଜ୍ରପାତ ସହ ଘଣ୍ଟାପ୍ରତି ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସମ୍ଭାବନା ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରି ବିଭାଗ ସତର୍କ କରିଛି ।

▶▶ପୃଷ୍ଠା ୭

## ଅଦିନରେ ଗଡ଼ିଲା ମହାପ୍ରଭୁଙ୍କ ରଥ: ଜଗନ୍ନାଥ ସଂସ୍କୃତିକୁ ଇସ୍କନର କାହିଁ ଏତେ ହେୟଜ୍ଞାନ ?

ଭୁବନେଶ୍ୱର, ୨୪/୫ (ନି.ପ୍ର): କିଛି ମାନୁନି ଇସ୍କନ । ଜଗନ୍ନାଥ ସଂସ୍କୃତିକୁ ପୁଣି ଅପମାନ । ଗଜପତି ମହାରାଜାଙ୍କୁ ବି ହେୟଜ୍ଞାନ । ଦକ୍ଷିଣ ଆଫ୍ରିକାର ସାଣ୍ଡଟନରେ ୩ ଦିନ ତଳେ ଇସ୍କନ ପାଳିଛି ଅଦିନିଆ ରଥଯାତ୍ରା । ସଂସ୍ଥା ପକ୍ଷରୁ ଜାରି ହୋଇଛି ଫଟୋ ସାଙ୍ଗକୁ ଭିଡିଓ । ତିନି ଠାକୁରଙ୍କୁ ଗୋଟିଏ ରଥରେ ବସାଇ ଚତୁର୍ଥ ବାର୍ଷିକ ରଥଯାତ୍ରା ଫେଷ୍ଟିଭାଲ ପାଳନ କରିଥିବା ନେଇ ସୋସିଆଲ ମିଡିଆ ଏକ୍ସରେ ବାହାଦୂରୀ ମାରିଛି । ଯାହାକୁ ନେଇ ପ୍ରକାଶ ପାଇଛି ତୀବ୍ର ପ୍ରତିକ୍ରିୟା ।




ଶ୍ରୀମନ୍ଦିର ପରିଚାଳନା କମିଟିର ପୂର୍ବତନ ସଦସ୍ୟ ତଥା ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରି କହିଛନ୍ତି, ଜଗନ୍ନାଥଙ୍କ ସଂସ୍କୃତି ଓ ଧାର୍ମିକ ପବିତ୍ରତାକୁ ନଷ୍ଟ କରାଯାଉଛି । ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନ ଓ ଭକ୍ତଙ୍କ ଅନୁରୋଧ ସତ୍ତ୍ୱେ ଇସ୍କନ

▶▶ପୃଷ୍ଠା ୭

## ଏକାଠି ହୋଇ କାମ କରିବେ କେନ୍ଦ୍ର ଓ ରାଜ୍ୟ ସରକାର: ବିକଶିତ ହେବ ରାଜ୍ୟ, ବିକଶିତ ହେବ ଦେଶ


ଭୁବନେଶ୍ୱର, ୨୪/୫ (ନି.ପ୍ର): ଏକାଠି ହୋଇ କାମ କରିବେ କେନ୍ଦ୍ର ଓ ରାଜ୍ୟ । ପ୍ରଧାନମନ୍ତ୍ରୀ ମୋଦୀ ଦେଲେ ଆହ୍ୱାନ, ହଁ ଭରିଲେ ମୁଖ୍ୟମନ୍ତ୍ରୀ ମୋହନ । ଓଡ଼ିଶା ବିକାଶର ନୀଳନକ୍ସା ସାମ୍ନାରେ ରଖିଲେ । ଆଉ ସିଧାସଳଖ କହିଛନ୍ତି, ଡବଲ ଇଞ୍ଜିନ ସରକାରରେ ସମୃଦ୍ଧ ଓଡ଼ିଶା-୨୦୩୬ ପାଇଁ କେନ୍ଦ୍ରର ଦରକାର ସହଯୋଗ । ଦିଲ୍ଲୀରେ ଶେଷ ହୋଇଛି ନିତି ଆୟୋଗର ୧୦ମ ବୈଠକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକରେ ବିକଶିତ ଭାରତର ନକ୍ସା ଆଙ୍କିଛନ୍ତି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ । ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ବିକଶିତ



ରାଜ୍ୟ ସଂକଳ୍ପକୁ ସତ କରିବାକୁ ଆହ୍ୱାନ ଦେଇଛନ୍ତି ମୋଦୀ । ଏହାଛଡା ଅତି କମ୍‌ରେ ଗୋଟିଏ ପର୍ଯ୍ୟଟନସ୍ଥଳୀକୁ ଅନ୍ତର୍ଜାତୀୟ ମାନର କରିବାକୁ ପରାମର୍ଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ । ନୀତି ଆୟୋଗ ବୈଠକରେ ଯୋଗ ଦେଇ ସମୃଦ୍ଧ ଓଡ଼ିଶା-୨୦୩୬ର ବ୍ଲୁ-ପ୍ରିଣ୍ଟ ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଓଡ଼ିଶାବାସୀଙ୍କ ପାଇଁ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଅର୍ଥନୀତିର ସ୍ୱପ୍ନ ଦେଖିଛନ୍ତି ମୁଖ୍ୟମନ୍ତ୍ରୀ । ୧୧ ମାସର ଶାସନରେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶର ଅନେକ ପାହାଚ ଚଢିଛି । ସଫଳତାର ଫର୍ଦ୍ଦ ଓଲଟାଇ ମୋହନ କହିଛନ୍ତି, ୧ କୋଟି ମହିଳାଙ୍କ ସଶକ୍ତିକରଣର ବଡ଼ ମାଧ୍ୟମ ସାଜିଛି ସୁଭଦ୍ରା । ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଶୀର୍ଷରେ ରହିଛି ଓଡ଼ିଶା । ୧ କୋଟି ପରିବାରକୁ ଆୟୁଷ୍ମାନ ଯୋଜନାରେ ମାଗଣା ଚିକିତ୍ସା । ଉତ୍କର୍ଷ ଓଡ଼ିଶା ଜରିଆରେ ମିଳିଛି ୧୬.୭୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ । କିନ୍ତୁ ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ ଏତିକି ଯଥେଷ୍ଟ ନୁହେଁ । ଓଡ଼ିଆ ଅସ୍ମିତାକୁ ବିଶ୍ୱସ୍ତରୀୟ କରିବାକୁ ପ୍ରତିଟି କ୍ଷେତ୍ରରେ କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦ୍ରୁତ ବିକାଶ କ୍ଷେତ୍ରରେ ବଢୁଛି ଭାରତ । ଆଗାମୀ ୨୫ ବର୍ଷରେ ଦେଶର ବିକାଶର ଇଞ୍ଜିନ ସାଜି ଓଡ଼ିଶା ଉଭା ହେବ ବୋଲି ଦମ୍ଭୋକ୍ତି ଦେଖାଇଛନ୍ତି ମୋହନ ।

## ଚିନ୍ତା ବଢ଼ାଉଛି କରୋନା: ସଜାଗ ରହିବାକୁ ନିର୍ଦ୍ଦେଶ ଦେଲା ସ୍ୱାସ୍ଥ୍ୟ ବିଭାଗ

ନୂଆଦିଲ୍ଲୀ, ୨୪।୫: ୨୦୨୦ରେ ସାରା ବିଶ୍ୱକୁ ଭୟଭୀତ କରିଥିବା କରୋନା ଭାଇରସ୍ ଏବେ ପୁଣି ଥରେ ବ୍ୟାପିବାରେ ଲାଗିଛି । ଏହି କାରଣରୁ କ୍ରମାଗତ ଭାବରେ ବଢ଼ୁଥିବା ମାମଲା ଏବେ ଚିନ୍ତାର ବିଷୟ ପାଲଟିଛି । ଭାରତ ସମେତ ବିଶ୍ୱର ଅନେକ ଦେଶରେ କରୋନାର ନୂଆ ଭାରିଆଣ୍ଟ, ଜେଏନ-୧ର ମାମଲା ରିପୋର୍ଟ କରାଯାଉଛି । ମହାରାଷ୍ଟ୍ର, କେରଳ, ଦିଲ୍ଲୀ, ଗୁଜରାଟ, ହରିୟାଣା ଏବଂ କର୍ଣ୍ଣାଟକରୁ ନୂଆ ନୂଆ ମାମଲା ସାମ୍ନାକୁ ଆସୁଛି । ଏହାକୁ ଦୃଷ୍ଟିରେ ରଖି, ସ୍ୱାସ୍ଥ୍ୟ ବିଭାଗ ଏକ ପରାମର୍ଶ ଜାରି କରିଛି ଏବଂ ହସ୍ପିଟାଲଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛି । ଗତ ୨୪ ଘଣ୍ଟା ମଧ୍ୟରେ



କେବଳ ମହାରାଷ୍ଟ୍ରରେ ୪୫ ଟି ନୂଆ ମାମଲା ରିପୋର୍ଟ ହୋଇଛି । ଏମାନଙ୍କ ମଧ୍ୟରୁ ୩୫ ଜଣ ମୁମ୍ବାଇରୁ ଆସିଥିବା ବେଳେ ୪ ଜଣ ପୁଣେରୁ, ୨ ଜଣ କୋଲହାପୁରରୁ, ୨ ଜଣ ରାୟଗଡ଼ରୁ ଏବଂ ୧ ଜଣ ଲାଟୁରରୁ ଏବଂ ୧ ଜଣ ଥାଣେରୁ ଅଛନ୍ତି । ଜାନୁଆରୀ ୨୦୨୫ରୁ ଏପର୍ଯ୍ୟନ୍ତ, ରାଜ୍ୟରେ ମୋଟ୍ ୬୮୧୯ ଜଣଙ୍କର କରୋନା ଟେଷ୍ଟ କରାଯାଇଛି, ଯେଉଁଥିରୁ ୨୧୦ ଜଣଙ୍କର ପଜିଟିଭ ମିଳିଛି । ମୁମ୍ବାଇର ମୋଟ୍ ୧୮୩ ଜଣ ରୋଗୀଙ୍କ ମଧ୍ୟରୁ ୮୧ ଜଣ ସୁସ୍ଥ ହୋଇଛନ୍ତି ଏବଂ ଅନ୍ୟମାନଙ୍କ ମଧ୍ୟରେ ସାମାନ୍ୟ ଲକ୍ଷଣ ରହିଛି । ମେ' ୨୩ରେ ବେଙ୍ଗାଲୁରୁରେ ଏକ ୯ ମାସର

▶▶ପୃଷ୍ଠା ୭

## ଭୁବନେଶ୍ୱରରେ ହେବ ରାଜସ୍ୱ ବିଭାଗ କର୍ମଚାରୀ ଓ ଅଧିକାରୀଙ୍କ ସମୀକ୍ଷା ବୈଠକ: ଜୁନ୍ ୪ରେ ଭୁବନେଶ୍ୱରରେ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୫ (ନି.ପ୍ର): ବିଭାଗୀୟ କର୍ମଚାରୀ ଓ ଅଧିକାରୀଙ୍କ ବାର୍ଷିକ କାର୍ଯ୍ୟର ସମୀକ୍ଷା କରିବ ରାଜସ୍ୱ ବିଭାଗ । ଏଥିପାଇଁ ସ୍ୱତନ୍ତ୍ର କର୍ମଶାଳା ଡାକିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ଜୁନ୍ ୪ ଓ ୫ ତାରିଖ ଦୁଇ ଦିନ ଧରି ଭୁବନେଶ୍ୱରରେ ଆୟୋଜନ ହେବ ଏହି ସମ୍ମିଳନୀ । ୪ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ



ମାଝୀ ଏହି ସମ୍ମିଳନୀର ଉଦ୍‌ଘାଟନ କରିବେ । ୩୧୭ ଜଣ ତହସିଲଦାର, ୫୮ ଉପଜିଲ୍ଲାପାଳ ଏବଂ ୩୦ ଜଣ ଏଡିଏମ୍ ଯୋଗଦେବେ ରାଜସ୍ୱ ସମ୍ମିଳନୀରେ । ବ୍ଲକ୍ ସ୍ତରରେ ଭିସିରେ ରହିବେ ଆର.ଆଇ ଓ ଅମିନ । ରାଜସ୍ୱ ସେବା ପ୍ରଦାନରେ ସଫଳତା ପାଇଥିବା ତହସିଲ ଓ

▶▶ପୃଷ୍ଠା ୭

## ପଦାରେ ପଡିଲା ବିଆରଏସର ଅନ୍ତଃକନ୍ଦଳ: କବିତା ଯିବେ କଂଗ୍ରେସ

ନୂଆଦିଲ୍ଲୀ, ୨୪/୫ : ଆମେରିକାରୁ ଫେରି ବିଆରଏସ ନେତ୍ରୀ କେ.କବିତା ତାଙ୍କ ବାପା କେସିଆରଙ୍କୁ ଚିଠି ଲେଖିଥିଲେ ବୋଲି ସ୍ୱୀକାର କରିଛନ୍ତି । ମେ ୨ତାରିଖରେ ଲେଖାଯାଇଥିବା ଚିଠି ନିଜ ମା'ଙ୍କ ମାର୍ଫତରେ ବାପାଙ୍କୁ ଦେଇଥିଲେ । ମାତ୍ର ଏହା କିପରି ଲିକ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି । ଏହା ପଛରେ କେସିଆରଙ୍କ ପାଖରେ ବୁଲୁଥିବା ବ୍ୟକ୍ତିଙ୍କୁ ଅସୁର କହି ଦାୟୀ କରିଛନ୍ତି । କବିତାଙ୍କ ଏଭଳି ବୟାନ



ବିଆରଏସ ମଧ୍ୟରେ ଅନ୍ତଃକନ୍ଦଳକୁ ତୀବ୍ର କରିଛି । ବିଧାନସଭା ନିର୍ବାଚନରେ ହାରିବା ପରେ କେସିଆର ଦଳର କାର୍ଯ୍ୟକ୍ରମରୁ ଦୂରେଇ ରହୁଛନ୍ତି । ତାଙ୍କ ପୁଅ କେଟି ରାମାରାଓ ହିଁ କାର୍ଯ୍ୟକାରୀ ସଭାପତି ହିସାବରେ ଦଳର ନେତୃତ୍ୱ ନେଉଛନ୍ତି । ଇତିମଧ୍ୟରେ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଇଡି କବିତାଙ୍କୁ ଗିରଫ କରିଥିଲା । କବିତାଙ୍କୁ କିଛି ମାସ ଜେଲରେ ରହିବା ପରେ ଜାମିନ ମିଳିଥିଲା । ତେବେ ଜେଲରୁ ଖଲାସ ହେବା ପରେ ଦଳୀୟ ବ୍ୟାପାରରେ କବିତାଙ୍କୁ ଦୂରେଇ ରଖାଯାଉଛି ବୋଲି ସେ ଅନୁଭବ କରୁଛନ୍ତି । ଇଡି ଦ୍ୱାରା ଗିରଫ ହୋଇଥିଲେ ମଧ୍ୟ ବାପା କେସିଆର କିମ୍ବା ତାଙ୍କ ଦଳ, ଶାସକ ବିଜେପିକୁ

▶▶ପୃଷ୍ଠା ୭

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୫ ମଇ ୨୦୨୫
email :
rabibarachayan2015@gmail.com

ରବିବାର ଚୟନ
.......ସୁଚୟନ ସୁଚୟନ ସୁଚୟନ.......
କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

**ଧାରାବାହିକ ଉପନ୍ୟାସ**

**ଡ.ଭାଗବତ ବେହେରା**



# ବୈଦେହୀ

ଭାଗ-୯୯
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ନିଜମନର କଥା ସୀତାଙ୍କ ଆଗରେ ବାଢ଼ିଦେଇ ଚାଲି ଯାଇଥିଲେ ତପସ୍ୱିନୀ ଅନୁକମ୍ପା। କାନ୍ଦିକାନ୍ଦି ଅଥୟ ହୋଇ ପଡୁଥା'ନ୍ତି ସୀତାଦେବୀ। ମା' ଅନୁକମ୍ପା ଯାହା କହିଗଲେ ସେ କଥାରେ ସେ ତିଳେହେଲେ ଭୁଲ୍ କରିନାହାନ୍ତି। ସତରେ ସ୍ୱାମୀ କ'ଣ ତାଙ୍କର ଏତେ ନିଷ୍ଠୁର ହୋଇଗଲେ । ସବୁଦିନ ପାଇଁ ସେ କ'ଣ ଅନ୍ତରରୁ ପୋଛି ପକାଇଲେ ସୀତାକୁ । ଆଉ କ'ଣ ଏ ଜନ୍ମରେ ପତିଙ୍କ ସହିତ ତାଙ୍କର ଭେଟ ହେବନାହିଁ । ନିଜ ରକ୍ତକୁ ସେ କ'ଣ କେବେ ଦେଖିବାକୁ ଆସିବେ ନାହିଁ ? ଗର୍ଭାବସ୍ଥାରେ ମୋତେ ଭୁଲାଇ ସେ ପଠାଇ ଦେଇଥିଲେ ଆଶ୍ରମ ଦର୍ଶନରେ । ସେଦିନରୁ ଦୁଇବର୍ଷ ବିତିଗଲାଣି । ଦିନେହେଲେ କ'ଣ ସୀତା ତାଙ୍କ ମନରେ ଉଙ୍କି ମାରୁନାହିଁ ? ଦିନେହେଲେ କ'ଣ ତାଙ୍କ ରକ୍ତ ତାଙ୍କୁ ଆକର୍ଷଣ କରୁନାହିଁ ? ସେ ନିଶ୍ଚୟ ଜାଣି ସାରିଥିବେ ସୀତା ସନ୍ତାନ କିମ୍ବା ସନ୍ତତିଟିଏ ଜନ୍ମ ଦେଇଥିବ । ସେ ସନ୍ତାନଙ୍କୁ ଦେଖିବାପାଇଁ ତାଙ୍କର କ'ଣ ମନ ବଳୁନାହିଁ ? ସୀତାଙ୍କର ଏହି ଭାବନାରେ ପୂର୍ଣ୍ଣଚ୍ଛେଦ ଟାଣି ଧାଇଁ ଆସି ସୁଧାମୟୀ କହିଥିଲେ; ଦେବୀ ଆଜି ଲବକୁଶ ଦୁହେଁ ପ୍ରଥମେ ମା ବୋଲି ଡାକ ଦେଇଛନ୍ତି ।

ମା ଉଲ୍ଲସିତ ହୋଇ ଉଠିଥିଲେ ବୈଦେହୀ। ଲବକୁଶ ଆଜି ମା ବୋଲି ଡାକିଛନ୍ତି। କାହିଁ ସୁଧାମୟୀ କେଉଁଠି ମୋ କୁଶ ଲବ । ତାଙ୍କୁ ଟିକିଏ ମୋ ପାଖକୁ ଆଣ । ତାଙ୍କ ତୁଣ୍ଡରୁ ମା ଡାକ ଶୁଣିଲେ ଏ ଜୀବନର ସମସ୍ତ ଦୁଃଖକୁ ଭୁଲିଯିବି ମୁଁ ।

ପ୍ରୀତିଦା ହସିହସି ଦୁଇ କୁମରଙ୍କୁ ଆଣି ପହଞ୍ଚାଇ ଦେଲେ ସୀତାଙ୍କ ନିକଟରେ । ମା' ମା'ର ଦୋରଟି ଡାକ ଝଙ୍କୃତ ହୋଇଥିଲା କୁଶ ଲବଙ୍କ କଣ୍ଠରୁ ।

ମୋ ଧନ, ମୋ ସୁନା କହି ବେନି ସନ୍ତାନଙ୍କୁ କୋଳେଇ ନେଇଥିଲେ ଦେବୀ ଜାନକୀ । କାଖରେ ଜାକି, ମୁଖରେ ଚୁମ୍ବନ ଦେଇ ଭୋ ଭୋ ହୋଇ କାନ୍ଦିଉଠିଥିଲେ ସେ । ଏମିତି ସେ କାନ୍ଦିଥିଲେ ଯେ ତାଙ୍କ କ୍ରନ୍ଦନ ଦେଖି ଛାନିଆ ହୋଇ ଯାଇଥିଲେ ସୁଧାମୟୀ, ପ୍ରୀତିଦା ଆଦି ମୁନିକନ୍ୟା ମାନେ । ସୀତାଙ୍କ ପାଖକୁ ଲାଗିଆସି ପ୍ରୀତିଦା କହିଥିଲା, କାନ୍ଦନା କାନ୍ଦନା ଦେବୀ । ତୁମେ କାନ୍ଦିଲେ ପିଲା ଦୁଇଜଣ କାନ୍ଦି ଅସ୍ଥିର ହୋଇଯିବେ ।

ଯେତେ ବୁଝାଇଲେ ମଧ ସୀତାଦେବୀଙ୍କ କ୍ରନ୍ଦନ ବନ୍ଦ ହେଉନଥାଏ । କାନ୍ଦି କାନ୍ଦି ସେ କହୁଥାନ୍ତି "ହେ ରାଘବ, ହେ ରଘୁକୁଳ ତିଳକ ରାଜା ରାମଚନ୍ଦ୍ର, ଆପଣ କେଉଁଠି ଅଛନ୍ତି ପ୍ରଭୁ । ଥରଟିଏ ସେ ରାଜ ସିଂହାସନର ମୋହକୁ ତ୍ୟାଗ କରି, ପ୍ରଜାମାନଙ୍କ ଅପବାଦକୁ ଖାତିର ନକରି, ଏ ଆଶ୍ରମକୁ ଧାଇଁ ଆସି ଦେଖି ଯାଆନ୍ତୁ ସ୍ୱାମୀ ଆପଣଙ୍କ ରକ୍ତର ସନ୍ତାନମାନେ ଆଜି ପ୍ରଥମ କରି ମାତା, ପିତାର ଡାକ ଦେଇଛନ୍ତି । ଥରଟିଏ ତାଙ୍କୁ ଦେଖି ଏ ଅଭାଗିନୀ ସୀତାର ଜୀବନକୁ ଧନ୍ୟ କରିଦେଇ ଯାଅ ପ୍ରଭୁ ।" ମାଆଙ୍କୁ କାନ୍ଦିବାର ଦେଖି କୁଶ ଲବ କାନ୍ଦିବାକୁ ଲାଗିଲେ । ସେମାନଙ୍କୁ ଶାନ୍ତ କରାଇବା ପାଇଁ ସୁଧାମୟୀ, ପ୍ରୀତିଦା ତାଙ୍କୁ ସୀତାଙ୍କ କୋଳରୁ ନେଇ ଚାଲି ଯାଇଥିଲେ ।

ଭୋ ଭୋ କାନ୍ଦୁଥାନ୍ତି ସୀତାଦେବୀ । ତାଙ୍କ କ୍ରନ୍ଦନ ଶୁଣି ଆଶ୍ରମର ପ୍ରକୃତି ସ୍ତବ୍ଧ । ମୁନିକନ୍ୟା ମାନେ ଆସି ତାଙ୍କୁ ଚାରିପାରୁଶରୁ ବେଢ଼ିଗଲେଣି । କେହି ତାଙ୍କୁ କିଛି ପଚାରିପାରୁ ନଥା'ନ୍ତି । ହେ ରାଘବ, ହେ ରଘୁପତି ବୋଲି ଉଚ୍ଚାରଣ କରି କାନ୍ଦୁଥାନ୍ତି ସେ । ନିର୍ବୋଧ ମେଷ ଶାବକ ତୁଲ୍ୟ ତାଙ୍କ ମୁଖକୁ ଅନାଇ ରହିଥା'ନ୍ତି ଆଶ୍ରମର ମୁନିକନ୍ୟାମାନେ ।

## ॥ ଊଣେଇଶ ॥

ସମୟର ଗତି ସବୁବେଳେ ଆଗକୁ ଆଗକୁ। ସେ କେବେ ପଛକୁ ଫେରି ଦେଖେ ନାହିଁ । ତାରି ସ୍ରୋତରେ ସେ ଭସାଇନିଏ ଦିନ ପରେ ରାତି, ଋତୁ ପରେ ଋତୁ, ମାସ ପରେ ମାସ, ବର୍ଷ ପରେ ବର୍ଷ । ସେ ଆମନ୍ତ୍ରଣ କଲେ ବସନ୍ତ ଆସେ ବସନ୍ତ ପରେ ଗ୍ରୀଷ୍ମ ପୁଣି ଗ୍ରୀଷ୍ମ ପରେ ବର୍ଷା ଏମିତି ଅନେକ ଅନେକ । ସେ ଆଜିର ଶିଶୁକୁ ଆସନ୍ତା କାଲିକୁ କିଶୋର, ତାପର ଦିନକୁ କରାଏ ନବଯୌବନରେ ମଣ୍ଡିତ । ଧନ୍ୟ ତୋତେ ସମୟ, ଧନ୍ୟ ତୋର ଗତିକୁ । ଯୁବକକୁ ବୃଦ୍ଧ, ବୃଦ୍ଧକୁ ମଶାଣିକୁ ନେବାରେ ତୁ କେବେ ହେଲେ ବି କୁଣ୍ଠା କରିନାହୁଁ । ଏ ଜଗତର ଯେତେ କ୍ଷମତାଶାଳୀ, ଧନଶାଳୀ, ଐଶ୍ୱର୍ଯ୍ୟଶାଳୀ, ଜ୍ଞାନ ବୈଭବଶାଳୀ, ରାଜା, ମହାରାଜା କେହି ତୋର ଗତିକୁ ରୋକିଦେଇ ପାରି ନାହାନ୍ତି । ସେଇଥିପାଇଁ ପ୍ରକୃତି ତୋତେ ପ୍ରଣାମ କରି କୁହେ, ସମୟ ତୁ ବଡ଼ ବଳବାନ୍ । ତୁମେ ମୋତେ କେତେବେଳେ ଶୁଷ୍କ ଟାଙ୍ଗର କରାଉଛୁ ତ, କେବେଳେ କରୁଛୁ ଶସ୍ୟଶ୍ୟାମଳା । କେତେବେଳେ ମୋର ନଦୀଗର୍ଭକୁ ଶୁଖାଇ ଦେଉଛୁ ତ, କେତେବେଳେ କରୁଛୁ ତାକୁ ବେଗମତୀ । ସୃଷ୍ଟିକର୍ତ୍ତା ସମୟ ହାତରେ ଏଇଭଳି ଏକ ଶକ୍ତି ଦେଇଛନ୍ତି, ଯେଉଁ ଶକ୍ତିକୁ ନିଜେ ସୃଷ୍ଟିକର୍ତ୍ତା ଜୟ କରିପାରି ନାହାନ୍ତି, ମଣିଷ ତ ତା' ସ୍ରୋତରେ ଭାସି ଯାଉଥିବା କୁଟାଖିଏ ।

ସେହି ସମୟ ସ୍ରୋତରେ ଭାସି ଚାଲିଛନ୍ତି ଜନକ ନନ୍ଦିନୀ ଜାନକୀ । ଆଶ୍ରମରେ ରହଣୀକାଳ ତାଙ୍କର ଛ'ବର୍ଷ ହୋଇଗଲାଣି । ଛ'ଟି ବର୍ଷା, ବସନ୍ତ, ବୈଶାଖ, ଶରତ, ହେମନ୍ତ ଆସି ବାଲ୍ମିକୀଙ୍କ ଆଶ୍ରମରେ ତାଙ୍କର ଖେଳାଲୀଳା ଶେଷକରି ଦେଇଗଲେଣି । ପାଞ୍ଚବର୍ଷ ତଳେ ଫୁଲଦୋଳିରେ ଝୁଲୁଥିବା ତାଙ୍କ ଶିଶୁଦ୍ୱୟ ଆଜି ବାଳଚପଳତାକୁ ବହନ କରି ଧାଇଁ ବୁଲିଲେଣି ଆଶ୍ରମରେ । ଆଶ୍ରମବାସିନୀ ମୁନିକନ୍ୟା, ମୁନିକୁମାରଙ୍କ ଗହଣରେ । ଆଶ୍ରମର ମୃଗ ଶିଶୁ, ବାନର ମାନଙ୍କ ସହିତ ମିଶି ସେ ଦୁହେଁ ବେଶ୍ ଆନନ୍ଦରେ ନାଚିକୁଦି ସମୟ ବିତାଇ ଦେଉଛନ୍ତି। ମା' ମା' ଡାକି ତାଙ୍କ ହୃଦୟରେ କମ୍ପନ ସୃଷ୍ଟି କରୁଛନ୍ତି । କେତେବେଳେ ବାଛୁରୀମାନଙ୍କ ଲାଞ୍ଜ ଧରି ଧାଉଁଛନ୍ତି ତ କେତେବେଳେ ମୃଗଶିଶୁଙ୍କ ସହ ମିଶି କ୍ରୀଡ଼ା କରୁଛନ୍ତି । ଆଶ୍ରମରେ ସମସ୍ତେ ତାଙ୍କ କୁଶ, ଲବକୁ ଆଦର କରନ୍ତି । ଆଜିକାଲି ସେମାନେ ଆଉ ମାଆଙ୍କୁ ବେଶି ଖୋଜୁନାହାନ୍ତି। ସୁଧାମୟୀ, ପ୍ରୀତିଦା, କମଳା ଏମାନେ ପିଲା ଦୁହିଁଙ୍କର ସବୁ କାମ କରି ଦେଉଛନ୍ତି । ତାଙ୍କୁ ସ୍ନାନ ଭୋଜନ ଠୁଁ ଆରମ୍ଭ କରି ଶଯ୍ୟା ପାରି ଶୁଆଇଦେବା ପର୍ଯ୍ୟନ୍ତ ସବୁକାମ ସେମାନେ କରୁଛନ୍ତି । ମହର୍ଷି ଆସି ସୂଚନା ଦେଇ ଯାଇଛନ୍ତି "ଏବେ ତୁମ ପିଲା ଦୁହିଁଙ୍କର ବିଦ୍ୟାପଠନ ଆରମ୍ଭ ହେବ । ମାଆ ସରସ୍ୱତୀଙ୍କୁ ତୁମେ ଆରାଧନା କର । ମୁଁ ତାଙ୍କୁ ପ୍ରଥମରୁ ମୋ ରଚିତ ରାମାୟଣ ହିଁ ଶିକ୍ଷାଦେବି ।

ରାମାୟଣ କଥା ଶୁଣି ସୀତା ପୁଲକିତ ହୋଇ ଉଠିଥିଲେ । ତାଙ୍କ ସ୍ୱାମୀଙ୍କ ଗୁଣ, ଗାରିମାକୁ ନେଇ ରଚିତ ହୋଇଛି ରାମାୟଣ । ମହର୍ଷି ବାଲ୍ମିକୀଙ୍କ ଉଦ୍ଦେଶ୍ୟ ପିଲା ଦୁହିଁଙ୍କୁ ସେ କ'ଣ ସେହି ରାମାୟଣ ମାଧ୍ୟମରେ ତାଙ୍କ ପିତୃ ପରିଚୟ ଦେବେ ? କୁଶ ଥରେ କୌତୁହଳ ବଶତଃ ବାପା ବୋଲି ଉଚ୍ଚାରଣ କରିଥିଲା । ସ୍ୱଭାବତଃ ଛୋଟ ପିଲାମାନେ ପ୍ରଥମେ ମା' ନାମ ଓ ତାପରେ ବାପା ନାମ ଉଚ୍ଚାରଣ କରିଥାନ୍ତି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

**ଚିନ୍ତନ**

**ଅଧ୍ୟାପକ ଗୋପବନ୍ଧୁ**

# ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥା



ନିକଟରେ ଓଡିଶା ସରକାର ସଂରକ୍ଷଣ ହାରକୁ କେତେକ କ୍ଷେତ୍ରରେ ବଢ଼ାଇଛନ୍ତି। ପୂର୍ବରୁ ଥିବା ଏସଇବିସିମାନଙ୍କ ପାଇଁ ଚାକିରୀରେ ୧୧.୨୫% ସଂରକ୍ଷଣ ସହିତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ ସମାନ ଶତାଂଶ ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି। ସେହିପରି ଏସଟି ଓ ଏସସିଙ୍କ ପାଇଁ ସାଧାରଣ ଉଚ୍ଚଶିକ୍ଷାରେ ୩୮.୭୫% ସଂରକ୍ଷଣ ସୁବିଧା ପ୍ରଦାନ କରିଛନ୍ତି। ଏ ପରିବର୍ଦ୍ଧିତ ସଂରକ୍ଷଣ ପାଇଁ ରାଜ୍ୟ ସରକାର ଧନ୍ୟବାଦର ପାତ୍ର। କିନ୍ତୁ ଦୁଃଖର ବିଷୟ ଯେ ଏହି ପରିବର୍ଦ୍ଧିତ ସଂରକ୍ଷଣ ମେଡ଼ିକାଲ୍, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଟେକ୍ନିକାଲ ଶିକ୍ଷା କ୍ଷେତ୍ରରେ ଲାଗୁ ହେବ ନାହିଁ। ଫଳରେ ଏସଇବିସି ପିଲାଙ୍କ ପାଇଁ ଏହି ଶିକ୍ଷାନୁଷ୍ଠାନ ମାନଙ୍କରେ ସଂରକ୍ଷଣ ସୁବିଧା ରହିବ ନାହିଁ। ସେହିପରି ଏସଟି ଓ ଏସସିମାନେ ପୂର୍ବରୁ ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଟେକ୍ନିକାଲ ଶିକ୍ଷାରେ ୨୦% ସଂରକ୍ଷଣ ସୁବିଧା ପାଉଥିଲେ ତାହା ସେତିକି ରହିବ, ଅର୍ଥାତ ଏହାର ପରିବର୍ତ୍ତନ ହେବ ନାହିଁ। ତାଙ୍କ ପାଇଁ ସାଧାରଣ ଉଚ୍ଚଶିକ୍ଷାରେ ଯେଉଁ ୨୦% ସଂରକ୍ଷଣ ଥିଲା, ତାହା ବଢ଼ି ୩୮.୭୫% ହେଲା। ଏ ପରିବର୍ଦ୍ଧିତ ସଂରକ୍ଷଣ ସମ୍ପୃକ୍ତ ବର୍ଗଙ୍କ ମଧ୍ୟରେ ହତାଶା ଭାବ ସୃଷ୍ଟି କରିଛି। ଯେଉଁ କ୍ଷେତ୍ରରେ ସଂରକ୍ଷଣର ଆବଶ୍ୟକତା ଅଧିକ ଅଛି ସେ କ୍ଷେତ୍ରରେ ସଂରକ୍ଷଣ ଦିଆଯାଇ ନାହିଁ କିମ୍ବା ବଢାଯାଇ ନାହିଁ। ଏହା ଏକ ଅଧୁରା ପରିବର୍ଦ୍ଧିତ ସଂରକ୍ଷଣ ବୋଲି ଆଲୋଚିତ ହେଉଛି।

ସାମ୍ବିଧାନିକ ବର୍ଗଙ୍କ ସଂରକ୍ଷଣ ଏକ ସାମ୍ବିଧାନିକ ବ୍ୟବସ୍ଥା। ସମ୍ବିଧାନ ପ୍ରଣୟନ ସଭା ବହୁ ତଥ୍ୟଭିତ୍ତିକ ତର୍ଜମା ଓ ଦୀର୍ଘ ଆଲୋଚନା ପରେ ଅନୁସୂଚିତ ଜାତି (ଏସସି) ଓ ଜନଜାତି (ଏସଟି) ପାଇଁ ରାଜନୀତି, ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ବିଧାନରେ ସ୍ଥାନିତ କରିଛି। ସେହିପରି ସ୍ୱାଧୀନତା ପରେ ସଂସଦ ଦ୍ୱାରା ନିୟୋଜିତ ମଣ୍ଡଳ କମିଶନଙ୍କ ପ୍ରସ୍ତୁତ ଏବଂ ସଂସଦରେ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନରେ ଅନୁମୋଦିତ ପ୍ରସ୍ତାବ ରାଷ୍ଟ୍ରପତିଙ୍କ ମୋହର ବାଜି ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ପାଇଁ ସଂରକ୍ଷଣ ନିୟମରେ ପରିଣତ ହୋଇଛି। ଏସଟି ଓ ଏସସିଙ୍କ ପାଇଁ ତାଙ୍କ ସଂଖ୍ୟା ଅନୁପାତରେ ସଂରକ୍ଷଣ ଦେବାର ବ୍ୟବସ୍ଥା ରହିଛି। ତେଣୁ ଏମାନେ ଅନ୍ୟ କାହାର ଭାଗ ନେଇଯାଉଛନ୍ତି କହିବା ଅମୂଳକ। ସେହିପରି ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ଓବିସିମାନେ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ୨୭% ସଂରକ୍ଷଣ ପାଇବାକୁ ହକଦାର। ଯଦିଓ ୧୯୩୧ ମସିହାର ଜାତିଭିତ୍ତିକ ଜନଗଣନା ଅନୁଯାୟୀ ଦେଶରେ ଓବିସିଙ୍କ ସଂଖ୍ୟା ୫୨% ଓ ଓଡ଼ିଶାରେ ସାମାନ୍ୟ ଅଧିକ, ତାହା ୫୪%। ଓଡିଶାରେ କେନ୍ଦ୍ରର ଓବିସି ସହିତ ଆଉ କିଛି ଜାତିକୁ ମିଶାଇ ସାମାଜିକ ଓ ଅର୍ଥନୈତିକଭାବେ ପଛୁଆ ବର୍ଗ(ଏସଇବିସି) ନାମରେ ରାଜ୍ୟ ତାଲିକା ପ୍ରସ୍ତୁତ କରଯାଇଛି। କେନ୍ଦ୍ରରେ ଓବିସିମାନେ ତାଙ୍କ ସଂଖ୍ୟାଠାରୁ ବହୁତ କମ ସଂରକ୍ଷଣ ସୁବିଧା ପାଉଛନ୍ତି। ୫୨% ଓବିସିଙ୍କୁ ୨୭% ସଂରକ୍ଷଣ, ପୁଣି ଚାକିରୀ ଓ ଶିକ୍ଷାରେ। ରାଜନୀତି କ୍ଷେତ୍ରରେ ଏମାନଙ୍କ ସଂରକ୍ଷଣ ନାହିଁ। ସଂରକ୍ଷଣକୁ ନେଇ ଯେଉଁସବୁ ସାମ୍ବିଧାନିକ ନିୟମ ତିଆରି ହୋଇଛି ସେଗୁଡିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସାମ୍ବିଧାନିକ ବିଧି। ଉଲଂଘନ ଅର୍ଥ ସମ୍ବିଧାନର ଅବମାନନା।

ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥାର କାର୍ଯ୍ୟକାରିତା କ୍ଷେତ୍ରରେ ନାନା ବ୍ୟତିକ୍ରମ ଦେଖିବାକୁ ମିଳିଛି। ଅନୁସୂଚିତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ମାତ୍ର ୨୦% ସଂରକ୍ଷଣ ଦିଆ ଯାଉଥିଲା, ଯଥାକ୍ରମେ ୮% ଓ ୧୨%। ତାଙ୍କୁ ତାଙ୍କ ସଂଖ୍ୟା ଅନୁପାତରେ ୩୮.୭୫% ମିଳିବା କଥା। ଯଦିଓ ତାଙ୍କ ସଂଖ୍ୟା ୨୦୧୧ ମସିହା ଜନଗଣନା ଅନୁଯାୟୀ ପାଖାପାଖି ୪୦% ହୋଇଯାଇଛି। ଏହା ଏବେ ଆହୁରି ଅଧିକ ହେବା ନିଶ୍ଚିତ। ଶିକ୍ଷା କ୍ଷେତ୍ରରେ ଏମାନଙ୍କୁ ସଂରକ୍ଷଣ ୩୮.୭୫% ପ୍ରଦାନ ପାଇଁ ୨୦୧୪ ମସିହାରେ ବିଜେଡି ସରକାର ଘୋଷଣା କରିଥିଲେ। ଏବାବଦକୁ ପ୍ରକ୍ରୀୟା ମଧ ଆରମ୍ଭ ହୋଇଥିଲା, କିନ୍ତୁ ପ୍ରଶାସନିକ ପେଞ୍ଚରେ ଏହା ଫାଇଲରେ ବନ୍ଧା ହୋଇ ପଡି ରହିଥିଲା। ଏଦିଗରେ ସରକାରଙ୍କ ନିଷ୍କ୍ରୀୟତା ଏବଂ ଏସଟି ଓ ଏସସି ଲୋକ ପ୍ରତିନିଧିମାନଙ୍କ ମୌନତା ଦାୟୀ ଥିଲା। ନିଜ ଲୋକମାନଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ଏମାନେ ରାଜନୈତିକ ସଂରକ୍ଷଣ ଉପଭୋଗ କରୁଛନ୍ତି, କିନ୍ତୁ ଦୁଃଖର କଥା ଏଦିଗରେ ତାଙ୍କ କ୍ଷୋଭ ଓ ପ୍ରତିକ୍ରୀୟା ନଥିଲା। ଏମାନେ ସଂରକ୍ଷଣ ହାର କମ୍ ପାଇବା ଦ୍ୱାରା ଗତବର୍ଷ ପ୍ରାୟ ୪୦୦ ଏମବିବିଏସ ଆଡମିଶନ ଆସନ ହରାଇଛନ୍ତି। ବିଗତ ଦଶ ବର୍ଷରେ ପ୍ରାୟ ୨୫୦୦ ରୁ ଅଧିକ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ଶିକ୍ଷାନୁଷ୍ଠାନ ସମେତ ସାଧାରଣ ଉଚ୍ଚଶିକ୍ଷା କ୍ଷେତ୍ରରେ କେତେ ଆସନ ଏଯାଏଁ ହରାଇଛନ୍ତି ତାହାର ହିସାବ ପ୍ରସ୍ତୁତ ହେବା ଉଚିତ।

ରାଜ୍ୟରେ ଏସଇବିସିଙ୍କ ଅବସ୍ଥା ଆହୁରି ସଙ୍ଗୀନ। ଏମାନଙ୍କୁ ଦିଆଯାଉଥିବା ସଂରକ୍ଷଣ ଉପହାସ ସଦୃଶ୍ୟ। ଏମାନଙ୍କ ସଂଖ୍ୟା ପ୍ରାୟ ଶତକଡା ୫୪ ଭାଗରୁ ଅଧିକ, କିନ୍ତୁ ସଂରକ୍ଷଣ ସୁବିଧା ମିଳୁଥିଲା କେବଳ ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫%। ଶିକ୍ଷା କ୍ଷେତ୍ରରେ କାହିଁକି ଏ ସୁବିଧା ରାଜ୍ୟ ସରକାର ଦେଇନଥିଲେ ତାହାର ତର୍ଜମା ହେବା ଉଚିତ୍। ଏହା ଯେ ଆନ୍ତରିକତାର ଅଭାବ ତାହାହିଁ ସୂଚୀତ କରୁଛି। ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ଏମାନେ ଶତକଡା ୨୭% ସଂରକ୍ଷଣ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ପାଇବାକୁ ହକଦାର, ତାହା ଦେବା ପାଇଁ ରାଜ୍ୟ ସରକାର କାହିଁକି ପଦକ୍ଷେପ ନେଇନାହାଁନ୍ତି ତାହା ଅନ୍ୟ ଏକ ନମୁନା ଏସଇବିସିମାନଙ୍କ ପ୍ରତି ଉଦାସୀନ ଭାବର। ରାଜ୍ୟରେ ଚାକିରୀ କ୍ଷେତ୍ରରେ ଏମାନଙ୍କୁ ୨୭% ସଂରକ୍ଷଣ ସୁବିଧା ନଦେଇ ମାତ୍ର ୧୧.୨୫% ସଂରକ୍ଷଣ ଦେବା ଯୋଗୁଁ ବିଗତ ୧୫ ବର୍ଷରେ ଅଦ୍ୟାବଧି ଏମାନେ ପ୍ରାୟ ପାଞ୍ଚ ଲକ୍ଷ ଚାକିରୀ ପାଇବାରୁ ବଞ୍ଚିତ ହୋଇଛନ୍ତି। ଉଚ୍ଚ ଶିକ୍ଷାନୁଷ୍ଠାନ ମାନଙ୍କରେ ସଂରକ୍ଷଣ ୨୦୦୫ରୁ ଲାଗୁ ହୋଇଛି। ଶିକ୍ଷା କ୍ଷେତ୍ରରେ ଏମାନଙ୍କ ପାଇଁ କୌଣସି ସଂରକ୍ଷଣ ନଥିବା ଯୋଗୁଁ ଏମାନେ ଅଦ୍ୟାବଧି ପ୍ରାୟ ଚାରି ହାଜର ଏମବିବିଏସ ଆସନ ହରାଇଛନ୍ତି। ଗତବର୍ଷ ପ୍ରାୟ ୭୦୦ ଆସନ ହରାଇଛନ୍ତି। ସେହିପରି ଅନ୍ୟାନ୍ୟ ବୈଷୟିକ ଓ କାରିଗରୀ ତଥା ସାଧାରଣ ଶିକ୍ଷାନୁଷ୍ଠାନରେ କେତେ ଆସନ ଏମାନେ ହରାଇଛନ୍ତି ତାହାର ହିସାବ କରାଯାଇ ପାରେ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)

**କବିତା...**

## ଚନ୍ଦ୍ରଲେଖା
**ପିନାକୀ ମିଶ୍ର**



ରାତି ପାହିଲାଣି ଚନ୍ଦ୍ର ଫେରିନି
ଗୁଜବ ଗଗନପୁରେ
ଅନ୍ଧାର ସତ କହୁନି କାହିଁକି
ଥିଲା, କାହାସାଥେ ଗୋପନରେ ।

ରାତି ରୂପବତୀ ଓଠ ଚିପିଚିପି
ଉନ୍‌ମନା ପାଦଥାପି
ଅଳସା ଗଲା ସେ' ପ୍ରଣୟଦିଶାରେ
ଜ୍ୟୋସ୍ନାପରଶ ଲେପି
ଆସିଲା ମାତିବ ବୋଲି
ଫୁଲାଣ ଶୁଣିଲି ଖାଲି
ପ୍ରେମପାଗ ଥରେ ଛାତିରେ ଉଠିଲେ
ଫୁଲ କି ମହକ ରଖିପାରେ,
ରାତି ପାହିଲାଣି ଚଂଦ୍ର ଫେରିନି ଗୁଜବ
ଗଗନପୁରେ ।

ବୟସର ବାଟ ଯେତେ ସରିଥାଉ
ଯେତେଥାଉ କୋଳାହଳ
ପ୍ରୀତିର ତମାଳ ଫୁଟିବ ହେଉଛି
ଲାଜଢୋକେ ମନତଳ
ଭେଟିବାକୁ ରତରତ
ଅବୁଝାନଈର ଗୀତ
ପଛକୁ ସେ ଚାହୁଁନାହିଁ
ତମସାକୁ ଡର ନାହିଁ
କହ ସାଧବାଣୀ

ଚନ୍ଦ୍ରକୁ କିଏ ମେଲାଣି ଦଉଛି
ବିଭୋରଫଗୁଣ ତନ୍ଦ୍ରାତୀରେ,
ରାତି ପାହିଲାଣି ଚଂଦ୍ର ଫେରିନି ଗୁଜବ
ଗଗନପୁରେ ।

ପ୍ରଥମଦେଖାରେ ଅଳପକଥାରେ କିଏ
ଜାଣିଥିଲା ଉଠିବ ଢେଉ
ଢେଉର ତାଳରେ ଝାଉଁର ଗୀତରେ
ବାଲିରେ ବାଲିରେ ଝରିଲା ମହୁ
ସେଇ ପଦେଅଧେ କଥା
ରାତ୍ରୀ ମଧୁର ବ୍ୟଥା
ସ୍ନିଗ୍ଧ ଆତୁର ଆଶା
ଗୁମାନରେ ମଦାଳସା,
ଗଉରୀତନୁର
କୁରେଇ ବାସର
ଲାଜୁକି ଓଠର
ଅଳତା ବେଢାର ସମ୍ଭ୍ରମ ପ୍ରୀତିଭାଷା,
ସଂପାଦିଦେଲି ରାତିରପରବ
ମୁକୁଳାଛାତିର ଯେତେ ଅଭିଯୋଗ
ରଖିଲି ତରୁରଡାଳେ

କୃଷ୍ଣଚୂଡା ବି ପବନଦୋଳିରେ ଭିଜିଭିଜି
ଜୋଛନାରେ
ରାତି ପାହିଲାଣି ଚଂଦ୍ର ଫେରିନି ଗୁଜବ
ଗଗନପୁରେ ।

କାଂଚନପୁରୀ ଚନ୍ଦ୍ରଲେଖା ମୋ' ଆସିଛି
ଗରବେ ଧାଇଁ
ମଧୁରକ୍ଷତର ସ୍ମୃତି ନେଇଯିବ
ଆଉ ଯୁଟିବ କି ନାହିଁ
କେତେଯେ' ବଉଦ
କେତେ ଯେ' ବାରଣ
ଅନୁଢା ଛାତିରେ ଦକକମ୍ପନ
ନମ୍ରଠାଣିରେ ପାଦଶୃଙ୍ଖଳେ
ମିଳନ ଅଶ୍ରୁ ଢାଳେ,
ରାତି ପାହିଲାଣି ଚଂଦ୍ର ଫେରିନି
ଗୁଜବ ଗଗନପୁରେ ।

ବେପଥୁଛନ୍ଦେ ଫୁଲର ଗନ୍ଧେ ସମ୍ଭ୍ରମ ରଖୁରଖୁ
ଚନ୍ଦ୍ରଲେଖାର ପ୍ରଣୟକୁ ନେଇ

ରାତ୍ରୀ କବିତା ଲେଖୁ
ପୂର୍ଣ୍ଣମାସୀର ଦେବୀ
ସୁନାସକାଳର, ସୋରିଷଫୁଲର
କୁହୁଡିଖୋଜାର, ଶିରିପବନର
ବାଲିହରିଣୀର ଅଁଉରଉଡ
ବଧୂଲୀ ଅଧର ଛବି
ଚପଳା ନୁହେଁ ଗୋ ଚନ୍ଦ୍ରମା ଚାରୁ ନିରିମାଖି
ତୁମେ ସହୀ
ଦିନରେ ନୁହେଁ ଗୋ
ସଂଜ ନଇଁଲେ
କେହି ତ ତୁମକୁ ଝୁରେ
ମୁଁ କି ସେଇ ବିଜନରେ !
ରାତି ପାହିଲାଣି ଚନ୍ଦ୍ର ଫେରିନି ଗୁଜବ
ଗଗନପୁରେ ।

♥ 'ଶୂନ୍ୟନୀଳ'
ଚର୍ଚ୍ଚ ପାଖ, ଜେଲ ରୋଡ, କେନ୍ଦୁଝର
ମୋ ୯୪୩୮୧୧୮୩୯୭

## ପାଗଳପଣ
**ଶରତ କୁମାର ଦାସ**



ଏକ ଉଦାସ ମ୍ଲାନ ଅପରାହ୍ଣର
ନିର୍ଜନ ପ୍ରହରେ ରାସ୍ତା ଖୋଜୁଖୋଜୁ
ବିଚରା ପଥିକଟି ବାଟ ହୁଡ଼େ ।

ଅକସ୍ମାତ ଧୂଳିଝଡ଼ରେ ସେ ହୁଏ ବିବଶ;
ନିସ୍ତେଜ ହୋଇପଡ଼େ
ତା' କଞ୍ଚାଳିଆ ଜହ୍ନରାତିର ସକଳ ସମ୍ଭାର ।

ଗୋହିରା ବିଲରେ ହୁକେହୋ
ଶବ୍ଦ ଶୁଭିଲାବେଳକୁ
ଗୋଟିଏ ନିଛାଟିଆ ସଂଜ ଆସି
ଅଳସ ଭାଙ୍ଗୁଥାଏ ସବୁରି ଅଲକ୍ଷ୍ୟରେ
ଆକାଶର ମଥାନରେ ।

ରାତିର ଅନ୍ଧାରରେ ଝଲସି ଉଠେ
ପୃଥିବୀର ସବୁତକ ସବୁଜ ଚିତ୍ର
ସ୍ପଷ୍ଟ ବାରିହୋଇପଡ଼େ ମାଉଁସ ନଥିବା
ଅଚିହ୍ନା ହାଡୁଆ ମଣିଷଙ୍କ ନିଖୁଣ ଛବି;
ହାତରେ ଧ୍ୱଜା ଧରି
ଚଳପ୍ରଚଳ କରୁଥାନ୍ତି ଅଶରୀର କେତେ ।

କିଛି ପାଣିଚିଆ ସ୍ମିତହାସ
ଲହଡ଼ି ଭାଙ୍ଗୁଥାଏ ସଭିଙ୍କ ଓଠରେ
ସତେ ଯେପରି ଲାଖିଥାଏ
ସମୁଦ୍ରେକ ସ୍ୱପ୍ନ ଆଖିର କୋରକରେ ।

ସମୟର ଶକ୍ତ ମେରୁଦଣ୍ଡ
ଦୁର୍ବଳ ହେଉଥାଏ କ୍ରମଶଃ ।

ନା ଥାଏ ବିଶ୍ୱାସର ବର୍ଣ୍ଣିଳ ବୈଭବ
ନା ଥାଏ ନିଃଶ୍ୱାସର ସତେଜ ଅସ୍ତିତ୍ୱ ।

କେବଳ ହଟଚମଟ ଚାଲିଥାଏ
କିଛି ଅମେରୁଦଣ୍ଡୀ ପ୍ରାଣୀମାନଙ୍କର
ଶୋଭାଯାତ୍ରା ଖୁବ୍ ସନ୍ତର୍ପଣେ
ସେହି ନିବିଡ଼ ଅନ୍ଧାରର ଗର୍ଭଗୃହରେ ।

ଏଥର ପଥିକଟି ନାଚାର ବୋଧହୁଏ
କେତେବେଳେ ହସୁଥାଏ ପୁଣି କାନ୍ଦୁଥାଏ
ସନ୍ଧିକରି ନିଜ ଭାଗ୍ୟ ସହ ଏକାଏକା
ଖୁନ୍ଦିହୋଇ ରହିଥିବା ଯୁଗଯୁଗର
ତା' ପ୍ରଲମ୍ବିତ ପାଗଳପଣରେ ।

♥ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡ଼ବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## କୃଷ୍ଣଚୂଡା: ତିନି
**ସୁରେନ୍ଦ୍ର ପାଣିଗ୍ରାହୀ**



ଜୀବନ ଯୌବନ ଜହ୍ନରାତିର ଜୁଆରିଆ ନଈକୂଳେ
କୃଷ୍ଣଚୂଡାକୁ ଖୋଜି ଖୋଜି ପୁଣି ପଡିଲି ପ୍ରେମଫାଶରେ
ସେ ବୟସ ସିନା କୃଷ୍ଣଚୂଡ଼ା ଥିଲା ଏ ବୟସ ପତ୍ରଝଡା
ସେ ସମୟ ଥିଲା ଚଇତିରାତିର
ମଧୁ ମଳୟରେ ଭରା ।


ପ୍ରଥମ ପ୍ରେମର ସ୍ୱର୍ଶ ଯେ ଦେଲା ତା'ନାମ କି କୃଷ୍ଣଚୂଡା
ପ୍ରଥମେ ଦେହରେ ଦିହୁଡ଼ି ଜାଳିଲା ତୃଷାତଟର ତାରା
ଅବା ଶାଳଂଦୀର କୂଳେ କୃଷ୍ଣଚୂଡା କିମିଆ କରିଲା କେବେ
କୁଆଖାଇ କୂଳେ କୃଷ୍ଣଚୂଡାକୁ ଭେଟିଥିଲି କେବେ ଭାବେ ।

ନାଲିନାଲି ତା'ର ବଧୂଲି ଅଧର ଥିରିଥିରି ଉଠୁଥିଲା
ମନଦେଇ ମନ ନେବାକୁ ମନରେ କେତେ ଡର ଲାଗୁଥିଲା
ଦକ୍ଷିଣା ପବନେ ଆଖିକୁ ନଚେଇ ହାତଠାରି ଘନଘନ
ତା' ଆଖିର ନୀଳ ଇସାରାରେ ମୋତେ ମାଗୁଥିଲା ଚୁଂବନ ।

ଯେଉଁ କଥା ସବୁ କହିପାରିଲିନି ଦୁଖ ଦରଦରେ ଭରା
ଯେଉଁ ଗୀତ ସବୁ ଗାଇପାରିଲିନି ନାଁ ତା'ର କୃଷ୍ଣଚୂଡା ।

♥ ବରି, ବାଲେଶ୍ୱର
(ମୋ) ୯୪୩୭୨୮୨୯୮୪

## ଅପ୍ରେମିକ
**ସୁମିତା ବେହେରା**



ଗଢିବାର ନିଶାରେ
ମୁଁ ଭାଙ୍ଗିଛି ନିରବତାର ନିଃଶ୍ୱାସ
ମୋତେ ଅପ୍ରେମିକ କହିପାର ।
ଗୃହତ୍ୟାଗୀ, ଯାଯାବର
ଅଜ୍ଞାନର ପାପାଚାର
ଦ୍ରୋହର ଅଳଙ୍କାର କହିପାର,
ମୁଠାଏ ମାଟିକୁ ପଲ୍ଲବିତ କରିବାର
ବାହାନାରେ
ମୁଁ ବାରମ୍ବାର ଯଦି ତୁମ ହାତରେ ସ୍ୱାହା ହୁଏ
ମୋର ଆପତ୍ତି ନାହିଁ ।

କହି ପାରିବ
ତମ ତପସ୍ୟାରେ ଅଛି ତ ତନ୍ମୟତା
ତମ ବକ୍ଷରେ ଅଛି ତ
ନିଃସର୍ତ୍ତରେ ବାରୁଦର ଜ୍ୱାଳାକୁ
ଆବୋରି ନେବାର
ଘନୀଭୂତ ବିଭୋରତା ।

ଯଦି ନାହିଁ
ତାହା ହିଁ ମୋ ଅପ୍ରେମିକପଣର ପୂର୍ଣ୍ଣତା ।
ବାକି ଯାହା ରହିଗଲା
ତାହା ମୋ ପରି ଅପ୍ରେମିକ
ଓ ମାଟିର ନିଜକଥା ।

♥ ବାରିପଦା ,ମୟୂରଭଞ୍ଜ

# ଆମ ସାହିତ୍ୟରେ କବିତା ଅନ୍ୟ ଭାରତୀୟ ଭାଷାର କବିତା ଠାରୁ ଢେର ଉଚ୍ଚରେ : ବସନ୍ତ ଦାସ

**ବସନ୍ତ ଦାସ** ଓଡିଆ ଗୀତି କବିତା ଜଗତର ଗୋଟେ ଶ୍ରଦ୍ଧାଶୀଳ ଉଚ୍ଚାରଣ । ତାଙ୍କ କବିତାର ଛଳଛଳପଣ, ଆବେଗ, ପ୍ରେମ, ଅନୁରାଗ ସବୁ ଯେମିତି ଗୋଟେ ବର୍ଷାଭିଜା ଆକାଶ । ଯାହାର ଛାତିରୁ ଝରୁଥାଏ ଟିପିଟିପି ମେଘ ଓ ମେଘର ରିମ୍‌ଝିମ୍ ସୁର ତାଙ୍କ କବିତାର ଲାଳିତ୍ୟ । 'ଆମ ଗୀତି ସାହିତ୍ୟର ପର୍ଯ୍ୟାପ୍ତ ଅନୁବାଦ ହେଉ ନଥିବାରୁ ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ସ୍ଥାନ ରଖି ପାରୁନି' ବୋଲି କହୁଥିବା କବିଙ୍କ ସହ ଏଥରର ଆଳାପ..



ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ

■ କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଗାଆଁରେ ପାଲା, ଦାସକାଠିଆ ଓ ଯାତ୍ରା ଦେଖି ମୋର ଇଛା ହେଉଥିଲା ସେମିତି ସବୁ ଗୀତ ଲେଖିବାକୁ । ତେଣୁ ପ୍ରାୟ ପଂଚମ ଶ୍ରେଣୀରୁ କବିତା ଲେଖିବା ଆରମ୍ଭ ହୋଇଥିଲା ।

■ ଗୀତି କବିତା ପ୍ରତି କେମିତି ଆକୃଷ୍ଟ ହେଲେ ? କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ?

■■ ଗ୍ରାମ ଭାଗବତ ଟୁଙ୍ଗିରେ ପ୍ରତିଦିନ ସନ୍ଧ୍ୟାରେ ଭଜନ ବୋଲା ଯାଉଥିଲା । କେତେକ ଭଜନ, ଯଥା - ଭାଗବତ ଭଜନ ମାଳା... ମତେ ପ୍ରଭାବିତ କରିଥିଲା । ସେହିଠାରୁ ଗୀତିକବିତାର ସ୍ୱରୂପ ବିଷୟରେ ମୋର ଧାରଣା ହୋଇ ସାରିଥିଲା । ମୁଁ ମହାବିଦ୍ୟାଳୟ ଯାଏ ମୁଖ୍ୟତଃ ଗଳ୍ପ ଲେଖୁଥିଲି । ମୋର ସୌଭାଗ୍ୟ, ୧୯୭୨ ମସିହାରେ ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାଜପୁରରେ ସେତେବେଳେ ମେଜର ଗୁରୁ ପ୍ରସାଦ ମହାନ୍ତି, ଡଃ ରାଜେନ୍ଦ୍ର ପ୍ରସାଦ ଦାସ, ଡଃ ଫନି ମହାନ୍ତି, ଡଃ ରଘୁନାଥ ସେନାପତି, ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ, ଡଃ ପ୍ରଫୁଲ୍ଲ କୁମାର ରଥ ଆଦି ଅନେକ ସାହିତ୍ୟିକ ମୋର ଅଧ୍ୟାପକ, ପ୍ରାଧ୍ୟାପକ ଓ ଅଧ୍ୟକ୍ଷ ଥିଲେ । ପ୍ରାଚୀର ପତ୍ରର ଲିପିକାର ଥିଲି ମୁଁ । ସେମାନେ ମତେ କହିଥିଲେ ଯେ ମୋ ଗଳ୍ପର ପ୍ରତ୍ୟେକ ଧାଡ଼ି ଗୋଟିଏ ଗୀତିକବିତା । ତେଣୁ ମତେ କେବଳ ଗୀତିକବିତା ଲେଖିବାକୁ ପଡ଼ିବ । ଲେଖିଲି । ସେହି ସମୟରେ ଆକାଶବାଣୀ କଟକଙ୍କୁ ପଠାଇଥିବା ଗୀତିକବିତା କଟକରେ କଷ୍ଟ ଏକାଉଣ୍ଟାନ୍ସି ପଢୁଥିବା ବେଳେ ୧୯୭୮ ମସିହାରେ ସ୍ୱୀକୃତି ପାଇଲା । ପ୍ରଥମ ପୁଲକ ଥିଲା ୧୯୭୮ ମସିହା ସେପ୍ଟେମ୍ବର ମାସର 'ରାଗ ମଞ୍ଜରୀ', କଣ୍ଠଶିଳ୍ପୀ ଆରତୀ ଗୋସ୍ୱାମୀ, ସଙ୍ଗୀତ ରାଖାଲ ମହାନ୍ତି । ସେ ଅନୁଭୂତି ଅନନ୍ୟ ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ? କେଉଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଆଦର୍ଶ ନେଇ ଆପଣଙ୍କର ଏ ଯାତ୍ରା ?

■■ ମୋ ମହାବିଦ୍ୟାଳୟର ସାହିତ୍ୟିକ ଶିକ୍ଷାଗୁରୁମାନେ ମୋର ପଥ ପ୍ରଦର୍ଶକ । ସେ ସମୟରେ (୧୯୭୨-୧୯୭୮) ଗୀତିକବିତାକୁ ସାହିତ୍ୟ ଭାବରେ ଗଣା ଯାଉନଥିଲା । ମୋର କିନ୍ତୁ ଜିଦ୍ ଥିଲା, ମୋ ଗୀତିକବିତାରେ ସାହିତ୍ୟ ରହିବ ଓ ମୁଁ ସମସ୍ତଙ୍କୁ ମୋ ସୃଷ୍ଟି ମାଧ୍ୟମରେ ବାଧ କରିବି ମୋ ଗୀତିକବିତାକୁ ସାହିତ୍ୟ ବୋଲି ମାନିନେବାକୁ । ଯାହାହେଉ, ୨୦୦୨ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପ୍ରଜ୍ଞା ଓ ଦୃଢ଼ତା ଯୋଗୁ ଗୀତିକବିତା ଆମ ଓଡ଼ିଶା ଏକାଡ଼େମୀ ପୁରସ୍କାର ପାଇବାକୁ ସ୍ୱୀକୃତି ପାଇଲା । ଗୀତିକବିତା ହେଲା ସାହିତ୍ୟ ।

■ ବର୍ତ୍ତମାନ ସୁଦ୍ଧା ଆପଣଙ୍କର କେତୋଟି ପୁସ୍ତକ ପ୍ରକାଶିତ ? ସେଥି ମଧ୍ୟରୁ କେଉଁଟି ଆପଣଙ୍କର ପ୍ରିୟ ଓ କାହିଁକି ?

■■ ମୋର ଏ ଯାଏ ଆଠଗୋଟି ଗୀତିକବିତା ସଂକଳନ ପ୍ରକାଶିତ । ସବୁ ସୃଷ୍ଟି ମୋର ଆପଣାର । ସବୁ ମୋ ପାଇଁ ବିଭିନ୍ନ ଭାବ ଓ ଅଙ୍ଗସୌଷ୍ଠବରୁ ଭିନ୍ନ ଓ ସ୍ୱତନ୍ତ୍ର । ତଥାପି ମୋର ପ୍ରଥମ ଗୀତିକବିତା ସଂକଳନ 'ଗୋଧୂଳିର ଚିଠି' ନିଶ୍ଚୟ ଆଗରେ ରହିବ । କାରଣ ସେଥିରେ ମୋର ବୟାଳିଶ ବର୍ଷର ଶ୍ରେଷ୍ଠ କୃତି ବଛାହୋଇ ରହିଛି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ କବିତାକୁ ଆଧାର କରି କରାଯାଇ ପାରିବ କି ?

■■ ପ୍ରକୃତରେ ମାତୃଭାଷା ସଂକଟରେ ନାହିଁ, ସଂକଟରେ ଅଛି ଆମ ସାହିତ୍ୟର ପରିଚିତି । ଆମ ସାହିତ୍ୟର ଅନୁବାଦ ସଂକଟ ଆମକୁ ପଛରେ ପକାଇ ଦେଇଛି । କେଇ ଜଣଙ୍କ ହାତଗଣତି ସୃଷ୍ଟି କେବଳ ଅନୁବାଦ ହେଉଛି । ଅନେକ ସୁନ୍ଦର ସୃଷ୍ଟି ଏହି କାରଣରୁ ବିଶ୍ୱ ସାହିତ୍ୟକୁ ନିଜର ପରିଚୟ ଦେଇ ପାରୁନି । ଗୀତିକବିତାକୁ ଅନୁବାଦ କରିବା ଅନ୍ୟ ସାହିତ୍ୟ ଠାରୁ ଢେର କଠିନ । କାରଣ ଗୀତିକବିତାର ପ୍ରାଣ ହେଉଛି ଭାବ । ଭାବ ଆଣେ ଶବ୍ଦ/ଭାଷା । ଭାବକୁ ଅନୁବାଦକ ସହଜରେ ଫୁଟାଇ ପାରିବେ ନାହିଁ । ତେଣୁ ଆମ ଗୀତି ସାହିତ୍ୟର ପର୍ଯ୍ୟାପ୍ତ ଅନୁବାଦ ହେଉ ନଥିବାରୁ ଜାତୀୟ କିମ୍ବା ଆନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ସ୍ଥାନ ରଖି ପାରୁନି । ଅଥଚ ଆମ ସାହିତ୍ୟର କବିତା ଅନ୍ୟ ଭାରତୀୟ ଭାଷାର କବିତା ଠାରୁ ଢେର ଉଚ୍ଚରେ ।

■ ଗୀତିକାରମାନେ କେବଳ ପ୍ରେମ ପ୍ରଣୟ ଓ ପ୍ରାର୍ଥନାକୁ ନେଇ ଶବ୍ଦର କୋଣାର୍କ ଗଢ଼ନ୍ତି କାହିଁକି ? ତାଙ୍କ କବିତାରେ ସାମାଜିକ ସମସ୍ୟା ଆସିବାରେ ଅସୁବିଧା କୋଉଠି ?

■■ ଠିକ୍ ସେମିତି ନୁହେଁ, ଜୀବନଧର୍ମୀ ଗୀତିକବିତା, ଦେଶାତ୍ମବୋଧକ ଓ ପଲ୍ଲୀ ଗୀତିର ସମାଜ ଉପରେ ପ୍ରଭାବ ଯଥେଷ୍ଟ ବେଶୀ । ୧୯୭୧ ମସିହା ଯୁଦ୍ଧ କଥା ମନେ ପଡ଼ିଲେ ମନେପଡ଼େ ସେ ସମୟରେ ଆକାଶବାଣୀରୁ ପ୍ରଚାରିତ ଦେଶାତ୍ମବୋଧକ ଗୀତ କେମିତି ପ୍ରଭାବିତ କରିଥିଲା ଆମକୁ । ହଁ, ସେଇ ପ୍ରେମ ପ୍ରଣୟର ଗୀତ ହେଉ ନା' !! ... କ୍ଳାନ୍ତ ମଣିଷଟିଏ ନିରୋଳାରେ ଯେବେ ତାହା ଶୁଣେ ସେତେବେଳେ ସେ ହଜିଯାଏ କାହିଁ କେଉଁ ଅତୀତରେ, ବିହ୍ୱଳ ହୁଏ । ଶାନ୍ତ ହୁଏ ତା'ର ଅଶାନ୍ତ ମନ । ଏହା ବି ଏକ ସାମାଜିକ ଦାୟିତ୍ୱର କଥା । ସାହିତ୍ୟ ତ ସମାଜର ହିତ ପାଇଁ, ସେ ଯେମିତି ବି ଲେଖାହେଉ ।

■ ଓଡିଆ ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଂଚି ପାରିବ ?

■■ ଓଡ଼ିଆ ସାହିତ୍ୟର ଭବିଷ୍ୟତ ଉଜ୍ଜ୍ୱଳ, ଆବଶ୍ୟକ ପ୍ରୋତ୍ସାହନ , ସାଲିସବିହୀନ ସ୍ୱୀକୃତି, ଅନୁବାଦ, ନିର୍ଭେଜାଲ ମୌଳିକତା ଓ ସମ୍ମାନ । ଏ ସବୁ ହେଲେ ପାଠକ ସଂଖ୍ୟା ବୃଦ୍ଧି ହେବ। ଆମର ଏଠି କାହିଁକି କେଜାଣି, ଗୋଟିଏ ବ୍ୟତିକ୍ରମ ଦେଖାଯାଏ । ସ୍ରଷ୍ଟାର ଶ୍ରେଷ୍ଠ କୃତି କ୍ୱଚିତ ପୁରସ୍କୃତ ହୁଏ। ପୁରସ୍କୃତ ବୋଲି ଦେଖି ପୁସ୍ତକଟି କିଣିଲେ ପାଠକ ହତାଶ ହୁଏ । ଅଳ୍ପ କେତୋଟି ଛାଡ଼ି, ଅନ୍ୟ ପୁରସ୍କୃତ ପୁସ୍ତକର ସ୍ରଷ୍ଟା ନିଶ୍ଚୟ କୁହେ ଯେ ତା'ର ଅନ୍ୟ ବହିଟି ପୁରସ୍କୃତ ହେବା ଠିକ୍ ହୋଇଥାନ୍ତା । କିନ୍ତୁ ହାୟ, ସେମିତି ହୁଏନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ଜଣେ ଲେଖକର ସାରା ଜୀବନର ସାଧନା ଅପେକ୍ଷା ରଖେ ସେତିକି ମାତ୍ର, ପୁରସ୍କାର, ସ୍ୱୀକୃତି । କିନ୍ତୁ ଆଜିକାଲିର ବ୍ୟବସ୍ଥା ଭିତରେ ସ୍ୱତଃ ଓ ସ୍ୱଚ୍ଛ ପୁରସ୍କାର ମିଳିବା ସୌଭାଗ୍ୟର କଥା । ଏହି କାରଣରୁ ମୁଁ ବହିଟିଏ ପ୍ରକାଶ କରୁ ନଥିଲି । ବହି କଲେ ପୁରସ୍କାର ଆଶା ରହିବ, ପୁରସ୍କାର ପାଇଁ ନିଜ ଢୋଲ ନିଜେ ପିଟିବା ସହିତ ଆତ୍ମସମ୍ମାନ ହରାଇ ମୁଣ୍ଡ ପୋତି ଚାଲିବାକୁ ହେବ । ଶେଷରେ ଗୀତିକବି ବନ୍ଧୁ ମନୋଜ ପଟ୍ଟନାୟକଙ୍କ ଶ୍ରମ ଓ ସାହାଯ୍ୟ, ବଡ଼ଭାଇ ଗୌର ପଟ୍ଟନାୟକଙ୍କ ମାର୍ଗଦର୍ଶନରେ ବହୁ ଡେରିରେ ପ୍ରକାଶ ପାଇବାକୁ ଲାଗିଲା ମୋର ସଂକଳନଗୁଡ଼ିକ । ପୁରସ୍କାର ଉଚିତ୍ ପ୍ରତିଭାକୁ ମିଳିଲେ ସାହିତ୍ୟର ଉନ୍ନତି ହେବ । ଯାହା ଯୋଗାଡ଼କରା ପୁରସ୍କାରରେ ସମ୍ଭବ ନୁହେଁ । ସାହିତ୍ୟର ସମ୍ବାଦ ହେଉ ସଦ୍ଭାବ, ସୃଜନଶୀଳତା, ସଂହତି, ନିଜ ସଂସ୍କୃତିକୁ ଅବକ୍ଷୟରୁ ରକ୍ଷାକରିବା ଓ ନିଜ ମାତୃଭାଷାର ପ୍ରଚାର ପ୍ରସାର । ♥♥

---

■ **ଅଳ୍ପରେ ବସନ୍ତ ଦାସ**



ଜନ୍ମ - ୧୯-୦୨- ୧୯୫୪
ବିଦାପଡା, ସୟଦପୁର, ଯାଜପୁର
(ମୋ) ୭୦୦୮୬୯୩୯୦୩

ବ୍ରଜ ସୁନ୍ଦର ଉଚ୍ଚ ବିଦ୍ୟାଳୟରୁ ମେଟ୍ରିକ୍ ପରେ ଯାଜପୁରର ନରସିଂହ ଚୌଧୁରୀ ମହାବିଦ୍ୟାଳୟରୁ ୧୯୭୫ ମସିହାରେ ଡିଗ୍ରୀ ଓ ପରେ କଟକସ୍ଥ ଆକାଉ[।[ସି (College of Accountancy and Management Studies - CAMS) ରେ କଷ୍ଟ ଅକାଉ[।ନସି କରିଥିଲେ । ଆକାଶବାଣୀ କଟକ ତାଙ୍କୁ ଗୀତିକାର ଭାବରେ ୧୯୭୮ ମସିହାରେ ସ୍ୱୀକୃତି ଦେଇଥିଲେ । ୨୦୦୯ ମସିହାରୁ ଆକାଶବାଣୀ ଜୟପୁରର ବି ସେ ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର । ତାଙ୍କର ଗୀତଗୁଡ଼ିକ ସଙ୍ଗୀତର ପ୍ରତ୍ୟେକ ଧାରା, ଯଥା Casette, LP Record, CD, Yutube ଓ ଦୂରଦର୍ଶନରେ ପ୍ରସାରିତ । ବହୁ ପତ୍ରପତ୍ରିକାରେ ତାଙ୍କର ଗୀତିକବିତା ପ୍ରକାଶିତ । ଆଗଧାଡିର ଅନେକ ସୁନାମଧନ୍ୟ କଣ୍ଠଶିଳ୍ପୀ , ଯଥା - ସୁରମଣି ପଦ୍ମଶ୍ରୀ ରଘୁନାଥ ପାଣିଗ୍ରାହୀ, ରାଧାକୃଷ୍ଣ ଭଞ୍ଜ , ଅକ୍ଷୟ ମହାନ୍ତି, ସୁଚିତ୍ରା ମହାପାତ୍ର, ଆରତୀ ଗୋସ୍ୱାମୀ, ଦିବାକର ମହାନ୍ତି, ମୀତାଲି ଚିନାରା, ଶେଖର ଘୋଷ, ଶ୍ରୀକାନ୍ତ ଦାସ, ଡଃ ବିଜୟ ଜେନା,ଲତା ଘୋଷ, ରଘୁନାଥ ମହାପାତ୍ର, ସଂଗୀତା ପଣ୍ଡା,ଦେବାଶିଷ ମହାପାତ୍ର, ଦୀପ୍ତିରେଖା ପାଢ଼ୀ, ବିଷ୍ଣୁ ମୋହନ କବି, କରୁଣାକର ସେଠି, ଶୈଳଭାମା ମହାପାତ୍ର, ଇରା ମହାନ୍ତି , ଅଞ୍ଜଳୀ ମିଶ୍ର, ଅସୀମା ପଣ୍ଡା,ପ୍ରଦୀପ ପଲାଇ, ଡଃ ଚନ୍ଦନ ଗନ୍ତାୟତ, ସମୀକ୍ଷା ମିଶ୍ର, ସତ୍ୟ ସିଦ୍ଧାନ୍ତ, ଶରଣ୍ୟା ମିଶ୍ର, ଆଦି ଅନେକ କଣ୍ଠଶିଳ୍ପୀ ତାଙ୍କର ଶହେରୁ ଅଧିକ ଗୀତିକବିତା ଗାନ କରିଛନ୍ତି । ତାଙ୍କର ଗୋଟିଏ ଓଡ଼ିଆ ଗଜଲ୍ ଭାରତର ପ୍ରସିଦ୍ଧ ଗଜଲ୍ ଗାୟକ ତଲତ୍ ଅଜିଜ୍ ଓଡ଼ିଆ ଭାଷାର ଗୀତ ଭାବରେ ପ୍ରଥମ ଥର ଗାଇଛନ୍ତି ।

ତାଙ୍କର ଏ ଯାବତ୍ 'ଗୋଧୂଳିର ଚିଠି', 'ଜହ୍ନ ଠାରିଦେଲା ମତେ', 'ଏକାନ୍ତରେ ଏକାଏକା', 'ନୀରବ ରାତିର ଗୀତ', 'ମାୟା ମୟୁରୀ', 'ରହିଲେ ରହିଲା ବାକି', 'କୁଆଁରୀ ବଉଳ' ଓ 'ଏଇ ମୋର ଶେଷ ଗୀତି' ଭାବରେ ଆଠଗୋଟି ଗୀତିକବିତା ସଂକଳନ ପ୍ରକାଶିତ ।

୨୦୧୪ ମସିହାରୁ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ମୁଖ୍ୟ ପରିଚାଳକ ଭାବେ ଅବସର ନେଇ ସମ୍ପ୍ରତି ସେ ନିଜକୁ କେବଳ ଗୀତିକବିତା ପ୍ରତି ଉତ୍ସର୍ଗ କରିଦେଇଛନ୍ତି ।

---



ସତୀର୍ଥମାନଙ୍କ ଗହଣରେ ଗୀତିକବି...



ସୁଖୀ ପରିବାର : ପରିବାର ସଦସ୍ୟଙ୍କ ସହ ଗୀତିକବି ବସନ୍ତ ଦାସ ......



ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...

## ପ୍ରଥମ ବିଦେଶ ଯାତ୍ରା

ନନ୍ଦିତା ମହାନ୍ତି

# ମୋ ଝର୍କାରୁ ଆମେରିକା...

ଭାଗ-୨୨



ଝିଅ ହାତ ଠାରି ଦେଖାଉଥିଲା ଗୋଟେ ବିଲବୋର୍ଡ ଦିଗକୁ । ଯେଉଁଠି ପ୍ରତିଫଳିତ ହେଉଥିଲା ଅମିତାଭ ବଚନଙ୍କର ଫଟୋ । ମୋତେ ଭାରି ଖୁସିଲାଗିଲା । ଟାଇମ ସ୍କୋୟାରରେ ବିଜ୍ଞାପିତ ହେବା ଏତେ ସହଜ କଥା ନୁହେଁ । ପୃଥିବୀର ଅଧିକାଂଶ କମ୍ପାନୀ ବା ବ୍ୟକ୍ତି ଚହାଁନ୍ତି ଏହି ବିଲବୋର୍ଡରେ ପ୍ରଦର୍ଶିତ ହେବାପାଇଁ । ଏଠାରେ ମାତ୍ର ପନ୍ଦର ସେକେଣ୍ଡ ପାଇଁ ଏକ ମାସ ଧରି ପ୍ରଦର୍ଶିତ ହେବାକୁ ଦେବାକୁ ପଡେ ପ୍ରାୟ ପଚାଶ ହଜାର ଡଲାର ବା ଚାରି କୋଟିରୁ ଅଧିକ ଟଙ୍କା । ତେଣୁକରି ଏଠାରେ ପ୍ରଦର୍ଶିତ ହେବା ଏକ ଗର୍ବ ଓ ଗୌରବର ବିଷୟ ନିଶ୍ଚିତ ।

ପଶ୍ଚିମାକାଶରେ କିଏ ଯେମିତି ବିଞ୍ଚି ଦେଇଥିଲା ମୁଠେ ଅବିର । ସାରାଦିନର କଷ୍ଟକର ଯାତ୍ରା ପରେ ସୂର୍ଯ୍ୟ ଏବେ ସ୍କାଇଲାଇନ ଆରପାଖେ ଟିକେ ଢୁଳେଇ ପଡିଥିଲେ ବୋଧେ । କାଇଁ ଦିଶୁ ନ ଥିଲା ଆଉ ତାଙ୍କର ତେଜ । ଟ୍ୟାକ୍ସି ଧାଉଁଥିଲା ମାନହାଟନର ଟାଇମ ସ୍କୋୟାର ଦିଗରେ। ଆମେ ସେଠାରେ ପହଞ୍ଚିଲା ବେଳକୁ ପୃଥିବୀ ଉପରେ ସନ୍ଧ୍ୟା ବେଢେଇ ଆଣୁଥିଲା ତାର ପାଉଁଶିଆ ରଙ୍ଗର ଝୀନ ଓଢଣି । ରାତି ହେବାକୁ ଡେରିଥିଲା ଏବେ। ଟ୍ୟାକ୍ସି ଯାଇ ଅଟକିଲା ଏକ ତିନି କୋଣିଆ ଛକରେ, ଯେଉଁଠି ମିଶିଛି ବ୍ରଡୱେଜ, ସେଭେନ୍ଥ ଆଭେନ୍ୟୁ ଓ ୪୨ତମ ଷ୍ଟ୍ରିଟ । ଏହି ସ୍ଥାନରୁ ଅର୍ଥାତ ୪୨ତମ ଷ୍ଟ୍ରିଟରୁ ନେଇ ୪୭ତମ ଷ୍ଟ୍ରିଟ ଯାଏଁ ଥିବା ଅଂଶକୁ କୁହାଯାଏ ଟାଇମ ସ୍କୋୟାର ଅଞ୍ଚଳ । ଏହି ଏକ ବର୍ଗ ମାଇଲ ଅଞ୍ଚଳ ରହିଛି ମାନହାଟନର ମିଡଟାଉନ ଅଞ୍ଚଳରେ । ଆକାରରେ ଏହା କୁଆଡେ ଏକ 'ବୋ'ଟାଇ' ପରି । ଟାଇମ ସ୍କୋୟାର ଅଞ୍ଚଳ ହେଉଛି ପୃଥିବୀର ସବୁଠାରୁ ଅଧିକ ଚଳଚଞ୍ଚଳ ସ୍ଥାନ ଯେଉଁଠିକି ପ୍ରତିଦିନ ପ୍ରାୟ ତିନିଲକ୍ଷ ତିରିଶ ହଜାର ଲୋକଙ୍କର ଆଗମନ ହୋଇଥାଏ । କୌଣସି ବିଶେଷ ଦିନରେ ଏହି ସଂଖ୍ୟା ବଢି ଚାରି ଲକ୍ଷ ଛଅ ହଜାର ଯାଏଁ ପହଁଚିଯାଏ । ସାରା ବର୍ଷରେ ଏଠାକୁ ପ୍ରାୟ ପାଞ୍ଚ କୋଟିରୁ ଅଧିକ ଲୋକ ଆସିଥାନ୍ତି । ସେଇ ଦୃଷ୍ଟିରୁ ଦେଖିବାକୁ ଗଲେ ଏହା ଏପରି ଏକ ପର୍ଯ୍ୟଟନ ସ୍ଥଳୀ ଯେଉଁଠାକୁ ସବୁଠାରୁ ଅଧିକ ଲୋକ ଯାଇଥାନ୍ତି । ଏଠାରେ ଏତେ ଲୋକଙ୍କର ଆଗମନ ହେତୁ ରାସ୍ତାରେ ଗାଡିମଟର ଚାଲିବା ପ୍ରାୟ ଅସମ୍ଭବ କହିଲେ ଚଳେ । ତେଣୁକରି ଏହି ଅଞ୍ଚଳରେ ଗାଡିମଟର ଯିବା ମନା । ପୂର୍ବରୁ ଏପରି ନ ଥିଲା । କିନ୍ତୁ ଧୀରେ ଧୀରେ ଏଠାକୁ ଆସୁଥିବା ଦେଖଣାହାରୀଙ୍କର ସଂଖ୍ୟା ଏତେ ବଢିଗଲା ଯେ ୨୦୦୯ ଠାରୁ ଏହି ଏକ ବର୍ଗ ମାଇଲ ଅଞ୍ଚଳରେ ଗାଡିମଟର ମୁକ୍ତ ଅଞ୍ଚଳ ବୋଲି ଗାଡିଘୋଡା ଯିବା ପୂରାପୂରି ବନ୍ଦ କରି ଦିଆଯାଇଛି । ଏଠାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ କେବଳ ଚାଲି ଚାଲି ଏହି ଅଞ୍ଚଳରେ ବୁଲିପାରିବେ ।

ଟାଇମ ସ୍କୋୟାରର ପୂର୍ବ ନାମ ଥିଲା ଲଙ୍ଗଏକର ସ୍କୋୟାର । କିନ୍ତୁ ୧୯୦୪ ମସିହାରୁ ଯେବେଠାରୁ ଏଠାରେ ଆମେରିକାର ସର୍ବାଦୃତ ଖବରକାଗଜ 'ଦି ନ୍ୟୁୟର୍କ ଟାଇମସ'ର ହେଡକ୍ୱାର୍ଟର ସ୍ଥାପିତ ହେଲା ସେହି ଦିନଠାରୁ ଏହାର ନାମକରଣ ହେଲା ଟାଇମ ସ୍କୋୟାର । ଏହି ଅଞ୍ଚଳର ପ୍ରଥମ କୋଠା ୱାନ ଟାଇମ ସ୍କୋୟାର ହେଉଛି 'ଦି ନ୍ୟୁୟର୍କ ଟାଇମସ'ର ହେଡକ୍ୱାର୍ଟର ।

ଆମେ ଟ୍ୟାକ୍ସିରୁ ଓହ୍ଲେଇ ଫୁଟପାଥ ଉପରେ ଚାଲିଲୁ । ମଝିରେ ଚଉଡା ରାସ୍ତା ଓ ରାସ୍ତାର ଦୁଇ କଡରେ ବିରାଟ ବିରାଟ ନଭଶ୍ଚୁମ୍ବୀ କୋଠା ଲମ୍ବିଛି ଆଗକୁ । ଏହି ସ୍ଥାନରେ ପୃଥିବୀର ସବୁ ବଡ ବଡ କମ୍ପାନୀର ଅଫିସ ରହିଛି । ଏହି ସ୍ଥାନକୁ 'ଥିଏଟର ଡିସଟ୍ରିକ୍ଟ ଅଫ ଆମେରିକା' ମଧ୍ୟ କୁହାଯାଏ । କାରଣ ଏଠାରେ ଅନେକ ଥିଏଟର ହାଉସ ଅଛି । ଯେଉଁଠି ସବୁବେଳେ ପ୍ରଦର୍ଶିତ ହେଉଥାଏ ନାମିଦାମୀ କଳାକାରଙ୍କ ଦ୍ୱାରା ଅଭିନୀତ ଥିଏଟର ଓ ଲାଇଭ ସୋ' ଆଦି। ଏହି ଅଞ୍ଚଳକୁ ଏଣ୍ଟରଟେନମେଣ୍ଟ ବା ମନୋରଂଜନର ହବ ବୋଲି ମଧ୍ୟ କୁହାଯାଏ । କାରଣ ମନୋରଞ୍ଜନର ସମସ୍ତ ଖୋରାକ ଏଠାରେ ମହଜୁଦ । ଚାରିଆଡେ ଥିଲା ପ୍ରବଳ ଭିଡ । ଲୋକବାକ ହାଉଜାଉ । ଯେମିତି କି ମେଳା ଲାଗିଛି । ଆକାଶକୁ ହାତଟେକି ଚାହିଁଥିବା ବିଲଡିଙ୍ଗରେ ଲାଗିଛି ଲାଇଫ ସାଇଜର ବିଲବୋର୍ଡ ସବୁ । ଯେଉଁଥିରେ କ୍ରମାଗତ ଭାବରେ ପୃଥିବୀର ଭିନ୍ନ ଭିନ୍ନ କମ୍ପାନୀ, ନାମୀଦାମୀ ମଣିଷ, ବିଭିନ୍ନ ବସ୍ତୁର ବିଜ୍ଞାପନ ଚାଲିଛି । ଚାରିଆଡେ ଏତେ ଲାଇଟ ଯେ ଦେଖିଲେ ଲାଗୁଥିଲା ଯେମିତି ଚାରିଆଡେ ଏକା ସାଙ୍ଗେ ହଜାର ହଜାର ଟିଭି ଚାଲିଛି । କୁହାଯାଏ ଟାଇମ ସ୍କୋୟାରରେ କୁଆଡେ କେବେ ରାତି ହୁଏନା । ରାତି ସବୁ ଏଠାରେ ଦିନ ଠାରୁ ଅଧିକ ଆଲୋକିତ । ଏତେ ଆଲୁଅରେ ଆଖି ମୋର ଜକଜକ ହୋଇ ଯାଉଥିଲା । ଏତେ ଆଲୁଅ ମୁଁ ମୋ ଜୀବନରେ କେବେ ହେଲେ ଦେଖି ନ ଥିଲି । କାରଣ ଆଜି ଯାଏଁ ସବୁଠାରୁ ଅଧିକ ଲାଇଟ ଯଦି ମୁଁ କେଉଁଠି ଦେଖିଥିଲି ତାହା ହେଉଛି ଆମ ସହରର ଦୁର୍ଗାପୂଜାରେ ।

ଆମ ସହରରେ ସବୁଠାରୁ ବଡ ପର୍ବ ଥିଲା ଦୁର୍ଗାପୂଜା । ଯାହାକୁ ସାର୍ବଜନୀନ ଦୁର୍ଗାପୂଜା କୁହା



ଯାଉଥିଲା । ଜାତି- ଧର୍ମ- ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ପୂଜାକୁ ଉପଭୋଗ କରୁଥିଲେ । ହେଲେ ମୋ ପାଇଁ ଦୁର୍ଗାପୂଜା ଆରମ୍ଭ ହୋଇ ଯାଉଥିଲା ମୂର୍ତ୍ତି ତିଆରି ଆରମ୍ଭ ହେବା ଦିନଠାରୁ। ଆମ ଘରକୁ ଲାଗି ଦୁର୍ଗାପୂଜା ପଡିଆ। ତେଣୁକରି ଆମକୁ ଲାଗେ ଯେମିତି ଆମ ଘରେ ପୂଜା ।

ରଥଯାତ୍ରା ସମୟରେ ପାଟ-ପୂଜା ହୋଇ ମାଆ ଦୁର୍ଗାଙ୍କର ମୂର୍ତ୍ତି ତିଆରି ଆରମ୍ଭ ହୁଏ । କଟକ କାଠଗଡା ସାହିର ମୂର୍ତ୍ତିକାରମାନେ ଆସି ଏଠାରେ ତିନି/ଚାରି ମାସ ରହି ମାଆ ଦୁର୍ଗା ଓ ପାର୍ଶ୍ୱ ଦେବାଦେବୀଙ୍କର ମୂର୍ତ୍ତି ଗଢିବା ଆରମ୍ଭ କରନ୍ତି । ପେଣ୍ଡାଲ ଚାରିପଟେ ତିରପାଲ ବାନ୍ଧି ଭିତରେ ପ୍ରଥମେ ତିଆରି ହୁଏ କାଠିକୁଟାର ଛାଞ୍ଚ। ଆଉ ସେଇ ଦିନ ଠାରୁ ଜାଣ ମୋ ପାଇଁ ଦୁର୍ଗାପୂଜା ଆରମ୍ଭ ହୋଇଯାଏ । ସ୍କୁଲରୁ ଫେରି ଘରକୁ ନ ଆସି, ହାତରେ ଆଲୁମିନିୟମ ବାକ୍ସ ଧରି ମୁଁ ଦଉଡେ ସେଇ ପେଣ୍ଡାଲକୁ । କେବଳ ପୂଜା କମିଟି ଲୋକଙ୍କ ଛଡା ଆଉ କାହାକୁ ସେଠାକୁ ଯିବାକୁ ବାରଣ କରାଯାଏ । ହେଲେ ସେ ବାରଣକୁ ମାନୁଛି କିଏ । ଆମେ ଲୁଚି ଲୁଚି ଯାଇ ତିରପାଲ ଫାଙ୍କରୁ ଚାହୁଁ ଭିତରକୁ । ମୂର୍ତ୍ତିକାରମାନେ କାମରେ ଲାଗିଥାନ୍ତି । କାଠିକୁଟାରେ ତିଆରି ମାଆଙ୍କର ଛାଞ୍ଚ ଉପରେ ମାଟି ବୋଳା ହେଉଥାଏ । ଧୀରେ ଧୀରେ ମେଢ ଭିତରୁ ଉକୁଟି ଆସୁଥାଏ ମାଆଙ୍କ ସୁନ୍ଦର ପ୍ରତିମୂର୍ତ୍ତି । ମୋତେ ପେଣ୍ଡାଲ ଛାଡି ଘରକୁ ଆସିବାକୁ ଇଛା ହୁଏନାହିଁ । ହେଲେ ଯେତେବେଳେ ଧୀରମଉସା ପଛରୁ ଆସି କାନ ମାଡି କୁହନ୍ତି, "କାଲି ପରା ମନା କରିଥିଲି ଏଠିକି ଆସିବାକୁ, ପୁଣି ଆସିଲୁ । ଯାଉଛୁ ନା ଏବେ ଦେଖିବୁ ..... ।" ତାଙ୍କର ସେତିକି କଥାରେ ମୋର ପିଳେହି ପାଣି ହୋଇଯାଏ । ମୁଁ ଗୋଟିଏ ଚିହ୍ଲାରେ ଆସି ଘରେ ପହଞ୍ଚେ । ମାଆ କୁହନ୍ତି, "ତିଆରି ଚାଲୁଥିଲା ବେଳେ ଦେବୀ ମୂର୍ତ୍ତିକୁ କୁଆଡେ ଚାହାଁନ୍ତିନି । ଆଖି ଫୁଟିଯାଏ ।" ମୁଁ ପ୍ରତିଥର ମାଆଙ୍କର ଅଧା ଗଢା ମୂର୍ତ୍ତିକୁ ଦେଖିସାରିଲା ପରେ ପରୀକ୍ଷା କରେ ଆଖିକୁ । ହେଲେ ଆଖି ମୋର ସହିସଲାମତ ଥାଏ । ମନେ ମନେ ଭାବେ ମୁଁ, "ମାଆ ନା ଭାରି ମିଛେଇ ...।"

ପୂଜା ଆଉ ଦୁଇ/ ତିନି ଦିନ ଥିବ ଲାଇଟ ଟେଷ୍ଟିଙ୍ଗ ଆରମ୍ଭ ହୋଇଯାଏ । ସାରା ଅଞ୍ଚଳ ଶହ ଶହ ଆଲୋକମାଳାରେ ଜକମକ କରେ। କେମିତି ଗୋଟେ ଖୁସି ଖୁସି ଭାବ ମୋର ସାରା ଦେହରେ ପ୍ରବାହିତ ହେବାକୁ ଲାଗେ । ମୋର ସକାଳୁ ସଞ୍ଜ ଯାଏଁ ସମୟ, କେବଳ ସ୍କୁଲ ଓ ଟ୍ୟୁସନ ସମୟକୁ ଛାଡି, କଟେ ସେହି ଦୁର୍ଗାପୂଜା ପେଣ୍ଡାଲରେ । ମହାଷଷ୍ଠି ଦିନ ଠାରୁ ବିଲ୍ୱମଙ୍ଗଳ ପୂଜା ସହିତ ବିଧିବଦ୍ଧ ଭାବରେ ମାଆଙ୍କର ଆବାହନ କରାଯାଇ ପୂଜା ଆରମ୍ଭ ହୁଏ ଆଉ ଦଶହରା ଦିନ ବିସର୍ଜନ ପରେ ପୂଜା ଶେଷ ହୁଏ । ଆଉ ସେହି ଶେଷଦିନ.....ସେଦିନ ବିନା କାରଣରେ ମୋତେ କାନ୍ଦ କାନ୍ଦ ଲାଗେ । ଛାତି ଭିତର କୋରି ହୋଇଯାଏ । ଲାଗେ ଯେମିତି ମୁଁ କୌଣସି ଦେହଲଗା ମଣିଷଟିକୁ ହରେଇଦେଇଛି । ସମସ୍ତଙ୍କ ଉପରେ ରାଗ ଲାଗେ । ଏମିତି ଗୋଟେ ନିୟମ କିଏ ଓ କାହିଁକି କରିଛି ଯେ...। ଏମିତି ଏକ ଖୁସିର ମୂହୁର୍ତ୍ତ କଣ ଚିରଦିନ ପାଇଁ ରହି ପାରନ୍ତାନାହିଁ । ଆଉ ଏବେ... ଜୀବନର ଅନେକ ବସନ୍ତ ପାରି କରି ଆସିସାରିଲା ପରେ ମୁଁ ବୁଝିସାରିଛି ଯେ, ସବୁ କିଛି କ୍ଷଣ ସ୍ଥାୟୀ, ସିଏ ସୁଖ ହେଉ କିମ୍ବା ଦୁଃଖ ।

ଝିଅ ମୋତେ ହଲେଇ ଦେଇ କହିଲା, "ମାମା, ହେଇ ଦେଖ ଅମିତାଭ ବଚନ ।"

ମୁଁ ଯେମିତି ଗୋଟିଏ ଝଟକାରେ ବାହାରି ଆସିଲି ଅତୀତର ଗହ୍ୱର ଭିତରୁ । ଏବେ ମୋ ସାମ୍ନାରେ ଥିଲା ଏକ ଚିକମିକ ଦୁନିଆ । ଝିଅ ହାତ ଠାରି ଦେଖାଉଥିଲା ଗୋଟେ ବିଲବୋର୍ଡ ଦିଗକୁ । ଯେଉଁଠି ପ୍ରତିଫଳିତ ହେଉଥିଲା ଅମିତାଭ ବଚନଙ୍କର ଫଟୋ । ମୋତେ ଭାରି ଖୁସିଲାଗିଲା । ଟାଇମ ସ୍କୋୟାରରେ ବିଜ୍ଞାପିତ ହେବା ଏତେ ସହଜ କଥା ନୁହେଁ । ପୃଥିବୀର ଅଧିକାଂଶ କମ୍ପାନୀ ବା ବ୍ୟକ୍ତି ଚହାଁନ୍ତି ଏହି ବିଲବୋର୍ଡରେ ପ୍ରଦର୍ଶିତ ହେବାପାଇଁ । ଏଠାରେ ମାତ୍ର ପନ୍ଦର ସେକେଣ୍ଡ ପାଇଁ ଏକ ମାସ ଧରି ପ୍ରଦର୍ଶିତ ହେବାକୁ ଦେବାକୁ ପଡେ ପ୍ରାୟ ପଚାଶ ହଜାର ଡଲାର ବା ଚାରି କୋଟିରୁ ଅଧିକ ଟଙ୍କା । ତେଣୁକରି ଏଠାରେ ପ୍ରଦର୍ଶିତ ହେବା ଏକ ଗର୍ବ ଓ ଗୌରବର ବିଷୟ ନିଶ୍ଚିତ । ଅନ୍ୟ ଅନେକ ବିଜ୍ଞାପନ ଭିତରେ ଆମେ ଆମ ଦେଶର ଛାଇ ଦେଖିଲୁ ସେଠାରେ । ଦେଖିଲୁ ବିଜ୍ଞାପନରେ ଅମିତାଭ ବଚନ, ଏମ ଏସ ଧୋନିଙ୍କୁ ଓ ଆଇସିଆଇସିଆଇ ପ୍ରୁଡେନସିଆଲ, ଅମୁଲ, ଟିଙ୍ଗାରି, ମୋହନବାଗନ ଫୁଟବଲ କ୍ଲବ ଆଦିର ବିଜ୍ଞାପନ । ଏଠାରେ ଜଣେ ଚାହିଁଲେ ନିଜର ଫଟୋ ମଧ୍ୟ ପ୍ରଦର୍ଶିତ କରିପାରିବ । ୧୫୦ ଡଲାର ଦେୟ ଦେଇ ଜଣେ ନିଜର କିମ୍ବା ନିଜର ପ୍ରିୟଜନଙ୍କର ଫଟୋ ପ୍ରଦର୍ଶିତ କରିପାରିବ ଯାହା ଗୋଟିଏ ଦିନ ପାଇଁ, ପ୍ରତି ଘଣ୍ଟାରେ ୧୫ ସେକେଣ୍ଡ ପାଇଁ ପ୍ରଦର୍ଶିତ ହେବ ।

ଆମେ ଚାରିଆଡେ ଚାହିଁ ଚାହିଁ ଆଗକୁ ଚାଲିଲୁ । ଫୁଟପାଥ କଡରେ ଥିଲା ଅନେକ



ରେଷ୍ଟୁରାଣ୍ଟ ଓ ବାର । ଅଧିକ ଭିଡ ହେଉଥିବାରୁ କିଛି ରେଷ୍ଟୁରାଣ୍ଟର ମାଲିକମାନେ ଫୁଟପାଥ ଉପରେ ଚେୟାର-ଟେବୁଲ ପକେଇ ଦେଇଥିଲେ ଗ୍ରହକଙ୍କ ପାଇଁ । ସପିଙ୍ଗ ପାଇଁ ଥିଲା ମଲ ଓ ଷ୍ଟୋର ସବୁ । ମଝିରେ ମଝିରେ ଲାଗିଥିଲା ପିଜା, ବର୍ଗର ଓ ଅନ୍ୟାନ୍ୟ ସ୍ନାକ୍ସ ବିକ୍ରି ହେଉଥିବା ଟ୍ରକ । ଟିକୁ ମୋତେ ଚାହିଁ ପଚାରିଲେ, "ମାମା ହାମବର୍ଗର ଖାଇବେ ?" ମୁଁ ହଁ ମାରିଲି । ଟିକେ ଭୋକ ବି ହେଉଥିଲା। ଆଉ ମୁଁ ଜାଣିଥିଲି ଟିକୁଙ୍କୁ ବି ଭୋକ ହେଉଥିବ, ଏମିତି ବି ସିଏ ଜମା ଭୋକ ସମ୍ଭାଳି ପାରନ୍ତିନାହିଁ ।

ମୁଁ ହାମବର୍ଗର ପାଇଁ ହଁ ମାରିବା ଦେଖି ଝିଅ ମୁରୁକି ମୁରୁକି ହସୁଥାଏ । ମୁଁ ଆଖିର ଇସାରାରେ ପଚାରିଲି , "କାଇଁ ହସୁଛୁ ?" ସିଏ କହିଲା, "ଟିକୁ ତୁମ ସହ ଥଟ୍ଟା କରୁଛନ୍ତି ମାମା । ତୁମେ ହାମବର୍ଗର ଖାଇ ପାରିବନି ।" ଏବେ ମୋ ଚେହେରାରେ ଝୁଲୁଥିଲା ଏକ ପ୍ରଶ୍ନବାଚୀ ।

- ହାମବର୍ଗର ଭିତରେ ଗୋମାଂସ ଥାଏ ବୋଲି ତୁମେ ଜାଣିଛ ତ ! ଆମେରିକାରେ ବର୍ଗର କହିଲେ ସାଧାରଣତଃ ହାମବର୍ଗର ବୋଲି ବୁଝାଯାଏ । ହାମ ଶବ୍ଦ ଜର୍ମାନୀର ହାମବର୍ଗ ସହରର ନାମରୁ ଆସିଛି ଯେଉଁଠାରେ ଗୋମାଂସକୁ ପେଶୀ ସେଥିରୁ ତିଆରି ହେଉଥିବା ପେଟି ବା ବରା ଯାହା ସେମାନଙ୍କର ସବୁଠାରୁ ପ୍ରିୟ ଖାଦ୍ୟ । ଯାହାକୁ ଦୁଇଟି ପାଉଁରୁଟି ମଧ୍ୟରେ ରଖି ଖିଆଯାଏ ।"

- ହେ ଭଗବାନ ।

ସେଦିନ ମୁଁ ପ୍ରଥମ କରି ଜାଣିଲି ଯେ ବର୍ଗର ଆଉ ହାମବର୍ଗର ଭିତରେ ଅନେକ ପ୍ରଭେଦ । ହାମବର୍ଗର ଭିତରେ ଯେଉଁ ଷ୍ଟଫିଙ୍ଗ ଥାଏ, ଯାହାକୁ 'ମିଟ ପେଟି' ବୋଲି କୁହାଯାଏ ତାହା କେବଳ ଗୋମାଂସରୁ ହିଁ ପ୍ରସ୍ତୁତ କରା ଯାଇଥାଏ । ଆମେ ଭାରତରେ ଯାହାକୁ ବର୍ଗର କହୁ ତାହା ଆମେରିକାନ ବର୍ଗର ଠାରୁ ଅଲଗା । ଆମେ ଯେଉଁ ବର୍ଗରକୁ ଭାରତରେ ଖାଉ ତାହା ବର୍ଗରର ଇଣ୍ଡିଆନ ଭର୍ସନ ଯେଉଁଥିରେ ଗୋମାଂସ ବଦଳରେ ଛେଳିମାଂସ, କୁକୁଡାମାଂସ ଷ୍ଟଫିଙ୍ଗ ଦିଆଯାଏ । କେତେକ ସ୍ଥାନରେ ପନିର, ଚିଜ ପଡିଥିବା ବର୍ଗର ମଧ୍ୟ ମିଳେ ।

ଆମେ ଏବେ ସବୁଠାରୁ ଟାଇମ ସ୍କୋୟାରର ସବୁଠାରୁ ଗହଳିପୂର୍ଣ୍ଣ ଅଞ୍ଚଳରେ ଆସି ପହଞ୍ଚି ଯାଇଥିଲୁ । ଏଠାରେ ଅନେକ କଷ୍ଟୟୁମ ପରଫରମରମାନେ ବୁଲୁଥିଲେ ଯେଉଁମାନେ ବିଭିନ୍ନ ବେଶପୋଷାକ ପିନ୍ଧି ଲୋକଙ୍କୁ ଆହ୍ଲାଦିତ କରୁଥାନ୍ତି । ମିକି ମାଉସ, ଡୋନାଲ୍ଡ ଡକ, ଯୋଗୀ ବିଅର, ଟମ କ୍ୟାଟ, ବନି ବଗ ଇତ୍ୟାଦି ପ୍ରସିଦ୍ଧ କାର୍ଟୁନ ଚରିତ୍ରଙ୍କର ପୋଷାକ ପିନ୍ଧି ସେମାନେ ବୁଲୁଥାନ୍ତି । ଲୋକମାନଙ୍କ ସହିତ ହାତ ମିଳାଉଥାନ୍ତି ।ଜଣେ ଚାହିଁଲେ ସେମାନଙ୍କ ସହିତ ଫଟୋ ମଧ୍ୟ ଉଠେଇପାରିବ । ସେଥିପାଇଁ କିଛି ଦେୟ ଦେବାକୁ ପଡିବ । ଆମେ ମିକି ମାଉସ ଓ ଡୋନାଲ୍ଡ ଡକ ସହିତ ଫଟୋ ଉଠେଇଲୁ । ଗୋଟେ କଡରେ ରାଇଡ ସବୁ ଥାଏ । ପିଲାମାନେ ବିଭିନ୍ନ ରାଇଡ ନେଉଥାନ୍ତି ।

ଏହି ସମୟରେ ଆଖିରେ ପଡିଲା ଏକ ଅଦ୍ଭୁତ ଦୃଶ୍ୟ । କିଛି ଝିଅ ବିଚିତ୍ର ବେଶ ହୋଇ ବୁଲୁଥାନ୍ତି । ସେମାନଙ୍କ ଦେହରେ ଏକ ସ୍ୱଳ୍ପ ପ୍ୟାଣ୍ଟି ଛଡା ଆଉ କିଛି ନଥାଏ । ସେମାନଙ୍କ ସାରା ଦେହରେ ଆମେରିକାର ଫ୍ଲାଗ ପେଣ୍ଟ କରାଯାଇଥାଏ । ହଠାତ ଦେଖିଲେ ଲାଗିବ ଯେମିତି ଆମେରିକାର ଜାତୀୟ ପତାକାକୁ ସେମାନେ ତାଙ୍କର ସାରା ଦେହରେ ଗୁଡେଇ ଧରିଛନ୍ତି । ସେମାନେ ବିଭିନ୍ନ ଅଙ୍ଗଭଙ୍ଗୀ କରୁଥାନ୍ତି । ଖୁବ୍ ସାବଲୀଳ ଭାବରେ ବୁଲୁଥାନ୍ତି । କିନ୍ତୁ ସେମାନଙ୍କୁ ଦେଖି ଲାଜରେ ମୋର ଆଖି ତଳକୁ ହୋଇଗଲା । ହେଲେ ସେମାନେ ଥିଲେ ଫୁଲ ବିନ୍ଦାସ । ଲୋକମାନେ ତାଙ୍କ ସହିତ ଫଟୋ ଉଠାଉଥାନ୍ତି । ଗୋଟିଏ ଫଟୋ ପାଇଁ ସେମାନେ ନେଉଥାନ୍ତି ଦଶ ଡଲାର । ଯେତିକିଟି ପୋଜରେ ଫଟୋ ଉଠେଇବ ସେତିକି ଦଶ ଡଲାର ଦେବାକୁ ପଡିବ । ଏହା ତାଙ୍କର ବ୍ୟବସାୟ । ଏଇଟା କିନ୍ତୁ ପ୍ରକୃତରେ ମୋ ପାଇଁ ଥିଲା ଏକ କଲଚରାଲ ସକ । ଝିଅମାନେ ଯେ ଏପରି ଅବସ୍ଥାରେ ରାସ୍ତାଘାଟରେ ବୁଲିପାରିବେ ଏହା ଥିଲା ମୋର ଚିନ୍ତାର ବାହାରେ । ମୁଁ ତଳକୁ ମୁହଁ ପୋତି ଅନ୍ୟ କିଛି ଦେଖିବା ବାହାନାରେ ସେଠାରୁ ଚାଲିଗଲି । ମନେ ମନେ ଭାବୁଥିଲି ଏ ଦେଶ ମୋତେ ଆଉ କଣ କଣ ସବୁ ଦେଖେଇବ କେଜାଣି .......

(ଆରଥରକୁ)

♥ ମଧୁସୂଦନ ନଗର ପୋଷ୍ଟ ଅଫିସ, ଭୁବନେଶ୍ୱର- ୭୫୧୦୨୨
(ମୋ) ୮୨୪୯୪୩୭୨୭୬

# ଆମ ଅବତାରବାଦରେ ଭଗବାନ ଶ୍ରୀ ବୁଦ୍ଧ

ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)



ପ୍ରାୟତଃ ପୃଥିବୀରେ ଥିବା ସମସ୍ତ ଧର୍ମବିଶ୍ୱାସରେ ଅବତାରବାଦର ସୂଚନା କୌଣସିନା କୌଣସି ଭାବରେ ନିହିତ ଅଛି। ସୃଷ୍ଟିରେ ପାପର ଭାର ଅଧର୍ମ, ଅନ୍ୟାୟାଦିର ଉପକ୍ରମ ଭରି ହେବାରେ ଲାଗିଲେ, ସ୍ୱୟଂ ଈଶ୍ୱର ରୂପୀ ଭଗବାନ କୌଣସି ନା କୌଣସି ରୂପ ନେଇ ଏ ସଂସାରର ଜୀବନଚର୍ଯ୍ୟାର ଶୋଧନ କରିଥାନ୍ତି । ସେ ନେଇଥିବା ରୂପ ତଥା ଅବତାର ସମୂହ ଯେ କେବଳ ମନୁଷ୍ୟ ରୂପକଳ୍ପନାର ଚତୁର୍ଦ୍ଧା ଅବା ଅନ୍ୟ କୌଣସି ମାନବୀୟ ରୂପର ସ୍ରଷ୍ଟା ହୋଇ ପାରନ୍ତି ସେମିତି କିଛି ବିଧିବିଧାନ ଶାସ୍ତ୍ରରେ ଉଲ୍ଲେଖ ନାହିଁ । ସେ ଭଗବାନ ଯେକୌଣସି ରୂପର ସ୍ରଷ୍ଟା ହୋଇ ପାରନ୍ତି ସେମିତି କିଛି ବିଧିବିଧାନ ଶାସ୍ତ୍ରରେ ଉଲ୍ଲେଖ ନାହିଁ । ସେ ଭଗବାନ ଯେ କୌଣସି ରୂପର ବି ହୋଇ ପାରନ୍ତି । ଆମ ଧର୍ମ ପରମ୍ପରାରେ ସାଧାରଣ ମାଛଠାରୁ ଅନ୍ୟ ଜୀବ କୂର୍ମ, ନରସିଂହ, ରାମ, ବଳରାମ ଆଦି ଅବତାର ହୋଇଥିବା ଶାସ୍ତ୍ରୀୟ ବର୍ଣ୍ଣନାରୁ ଦେଖିବାକୁ ମିଳେ । ଏବେ ଆସନ୍ତୁ ଆମ ବୁଦ୍ଧଙ୍କ ବିଷୟରେ କଣ ସବୁ କେଉଁଠି କିଭଳି ଉଲ୍ଲେଖ ରହିଛି, ଜାଣିବାର ପ୍ରୟାସ କରିବା ।

ବିଷ୍ଣୁଙ୍କ ଅବତାର ବିଷୟରେ ରାମାୟଣରେ ଉଲ୍ଲେଖ ଅଛି ଯେ, ସ୍ୱୟଂ ରାମ ହେଉଛନ୍ତି ବିଷ୍ଣୁଙ୍କର ଏକ ଅବତାର । ଏଥିରେ କିନ୍ତୁ ବୌଦ୍ଧ ଅବତାର ନେଇ କୌଣସି ଉଲ୍ଲେଖ ନାହିଁ । ମହାଭାରତରେ ମଧ୍ୟ ବୁଦ୍ଧଙ୍କୁ ଏକ ଅବତାର ଭାବେ ଲେଖାଥିବା ଦେଖାଯାଏ ନାହିଁ ବରଂ ଶାନ୍ତିପର୍ବରେ ଯେଉଁ ଦଶ ଅବତାରଙ୍କ ବିଷୟରେ ଉଲ୍ଲେଖ ଅଛି, ତନ୍ମଧ୍ୟରେ ହଂସ, କୂର୍ମ, ମତ୍ସ୍ୟ, ବରାହ, ନରସିଂହ, ବାମନ, ରାମ, ଦାଶରଥି, ରାମ, କୃଷ୍ଣ ଓ କଲ୍ ?କୀ ରହିଛନ୍ତି । (ମହାଭାରତ, ଶାନ୍ତପର୍ବ- ୩୩୯/୧୦୩-୧୦୪) ସେଭଳି ଶ୍ରୀମଦ୍ ଭଗବତ୍ ଗୀତାରେ କେବଳ କୁହାଯାଇଛି, 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ।' ବ୍ୟତୀତ ଅନ୍ୟ କୌଣସି ଅବତାରଙ୍କ ନାମ ଉଲ୍ଲେଖ ମଧ୍ୟ ନାହିଁ । ଅନ୍ୟ ପୁରାଣମାନଙ୍କର କଥାରେ ବୁଦ୍ଧଙ୍କ ବିଷୟରେ କିଭଳି ବର୍ଣ୍ଣନା ରହିଛି । ବରାହ ପୁରାଣରେ ବିଷ୍ଣୁଙ୍କର ବରାହ ଅବତାରର ବର୍ଣ୍ଣନା ଥିବା ସହ ବୁଦ୍ଧଙ୍କୁ ଅନ୍ୟ ଏକ ଅବତାର ଭାବରେ ବର୍ଣ୍ଣନା ରହିଛି । ଭାଗବତରେ ମଧ୍ୟ ବୌଦ୍ଧ ଅବତାରର ଉଲ୍ଲେଖ ରହିଛି । ବରାହ ପୁରାଣରେ ବିଷ୍ଣୁଙ୍କର ବରାହ ଅବତାରର ବର୍ଣ୍ଣନା ଥିବା ସହ ବୁଦ୍ଧଙ୍କୁ ଅନ୍ୟ ଏକ ଅବତାର ଭାବରେ ବର୍ଣ୍ଣନା ରହିଛି। ଭାଗବତରେ ମଧ୍ୟ ବୌଦ୍ଧ ଅବତାରର ଉଲ୍ଲେଖ ରହିଛି । ଅଗ୍ନିପୁରାଣ ଓ ଗରୁଡ଼ ପୁରାଣରେ (୨/୨୦/ ୩୧, ୧/୧୪୫/୪୦) ମଧ୍ୟ ବୁଦ୍ଧ ଅବତାର ବିଷୟରେ କୁହାଯାଇଛି । ମନେ ହେଉଛି ଷଷ୍ଠରୁ ଅଷ୍ଟମ ଶତାବ୍ଦୀ ମଧ୍ୟରେ ଓ ତା' ପରବର୍ତ୍ତୀ ସମୟରେ ଲେଖା ଯାଇଥିବା ଧର୍ମଗ୍ରନ୍ଥମାନଙ୍କରେ ବୌଦ୍ଧଧର୍ମର ଲୋକପ୍ରିୟତାକୁ ଆଖିରେ ରଖି ପୁରାଣକାରମାନେ ବୁଦ୍ଧଙ୍କୁ ବିଷ୍ଣୁଙ୍କର ଏକ ଅବତାର ଭାବରେ ଗ୍ରହଣ କରି ନେଇଥିବା କେତେକ ଗବେଷକମାନଙ୍କର ସୁସ୍ପଷ୍ଟ ମତ । (ଉ.ପ୍ର. ଜୁଲାଇ- ୧୯୯୯, ପୃ-୧୧୧- ୧୩୩), ଦଶ ଅବତାର ମଧ୍ୟରେ ନବମ ଅବତାରୀ ଭାବରେ କେଉଁଠି ବୁଦ୍ଧ ଓ କେଉଁଠି ଜଗନ୍ନାଥଙ୍କ ପ୍ରତିଛବିକୁ ଚିତ୍ରଣ କରାଯାଇଥିବା ସ୍ୱତଃ ଆଲୋଚକମାନଙ୍କ ମନରେ ପାର୍ଥକ୍ୟ ଆଣିଦିଏ । ଶ୍ରୀମନ୍ଦିର ନିର୍ମାଣ ସମୟରେ ସରସ୍ୱତୀ ମନ୍ଦିର ସମ୍ମୁଖର ଶ୍ରୀନୃସିଂହଙ୍କ ପାଶ୍ୱବର୍ତ୍ତୀ ଉପରି ଭାଗରେ ନବମ ଅବତାର ଭାବେ ସ୍ୱୟଂ ବୁଦ୍ଧଙ୍କୁ ଚିତ୍ରିତ କରିଥିଲା ବେଳେ ଶ୍ରୀମନ୍ଦିର ସିଂହଦ୍ୱାର ଓ ଜଗମୋହନର ଦଶ ଅବତାର ଚିତ୍ର ମଧ୍ୟରେ ନବମ ଅବତାର ଭାବରେ ଜଗନ୍ନାଥଙ୍କୁ ସ୍ଥାନିତ କରାଯାଇଛି । ଏହା ସମ୍ଭବତଃ ସେ ବେଳର ଶାସ୍ତ୍ରୀୟ ଓ ଶିଳ୍ପୀମାନଙ୍କର ବିଚାର ଧାରା ଉପରେ ନିର୍ଭର କରି ଏ ପ୍ରକାର ବିଭେଦ ଆସି ଥାଇପାରେ। ବିଗ୍ରହତତ୍ତ୍ୱ ଦୃଷ୍ଟିରୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଅବୟବ ଗଠନ ସହ ବୁଦ୍ଧଗୟାରେ ଥିବା ବୁଦ୍ଧଙ୍କ ଅସମ୍ପୂର୍ଣ୍ଣ ମୂର୍ତ୍ତିର ସାମଞ୍ଜସ୍ୟ ଥିବା କେତେକ ଗବେଷକ ମତ ଦେଇ ଜଗନ୍ନାଥ ଯେ ଭଗବାନ ବୁଦ୍ଧ ଏହା ପ୍ରମାଣ କରିବାକୁ ଚାହିଁଛନ୍ତି କିନ୍ତୁ ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧା ମୂର୍ତ୍ତି ଅପାଣିପାଦ ମୂର୍ତ୍ତି ସମ୍ପୂର୍ଣ୍ଣ ନୁହେଁ ବରଂ ସଂକେତ ମାତ୍ର । ଏଣୁ ଶୂନ୍ୟବାଦ ବ୍ରହ୍ମଙ୍କୁ ନିରାକାର ରୂପେ ଆଖ୍ୟାୟିତ କରି ପାରିଛି ।

ଭାରତୀୟ ଧର୍ମ ଧାରାର ପ୍ରଥମ ପୁରାଣ ଶ୍ରୀମଦ୍ ଭାଗବତମ୍‌ରେ ବିଷ୍ଣୁଙ୍କର ଅବତାର ମଧ୍ୟରେ ବୁଦ୍ଧଙ୍କ ଅବତାରର ଉଲ୍ଲେଖ ରହିଛି। 'ତତଃ କଲୌ ସଂପ୍ରବୃତ୍ତେ ସଂମ୍ମୋହାୟ ସୁର ଦ୍ୱିଶାମ୍, ବୁଦ୍ଧୋ ନାମ୍ନାଞ୍ଜନସୁତଃ କିକଟେଷୁ ଭବିଷ୍ୟତି ।' ଗୁରୁଗ୍ରନ୍ଥ ସାହେବରେ ଗୁରୁଗୋବିନ୍ଦ ସିଂହଙ୍କ 'ବିଚିତ୍ର ନାଟକ' (ଦଶମଗ୍ରନ୍ଥ ଅନ୍ତର୍ଭୁକ୍ତ)ରେ ବିଷ୍ଣୁଙ୍କ ବର୍ଣ୍ଣିତ ୨୪ଟି ଅବତାର ମଧ୍ୟରୁ ୨୩ତମ ଅବତାର ହେଉଛନ୍ତି ବୁଦ୍ଧ । ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ହୋଇଥିବା ସବୁ ମନ୍ଦିରମାନଙ୍କରେ ବିଷ୍ଣୁଙ୍କର ନବମ ଅବତାର ଭାବରେ ବୁଦ୍ଧଙ୍କୁ ନିଆ ଯାଇଛି। ମୁକ୍ତି ମଣ୍ଡପ ନିକଟସ୍ଥ ଶ୍ରୀ ମନ୍ଦିରର ସର୍ବପ୍ରାଚୀନ ଶ୍ରୀ ନୃସିଂହ ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର ଉପରେ ଦଶାବତାର, ନିଆଳିର ଶ୍ରୀମାଧବାନନ୍ଦ ମନ୍ଦିର, ବ୍ରହ୍ମଗିରିର ଶ୍ରୀଅଲାରାନାଥ ମନ୍ଦିର ଆଦିରର ଏହାର ଉଦାହରଣ । ଶ୍ରୀ ମନ୍ଦିରରେ ଯେଉଁ ବାଇଶି ପାହାଚ ନିର୍ମିତ ହୋଇଛି, ସେଥିରୁ ପ୍ରତ୍ୟେକଟି ପାହାଚ ଏକ ଏକ ଅବତାରଙ୍କ ପାଇଁ ଉଦ୍ଦିଷ୍ଟ। ତଦାନୁଯାୟୀ ୨୧ତମ ପାବଚ୍ଛ ଭଗବାନ ବୁଦ୍ଧଙ୍କର ଏବଂ ୨୨ତମ ପାବଚ୍ଛ ମ୍ଳେଚ୍ଛ ସଂହାରକ କଳକୀଙ୍କର, ଯେଉଁଠି ପତିତପାବନ କଲ୍‌କୀ ଭାବରେ ପୂଜା ପାଆନ୍ତି। ଗୁଜରାଟର ପତନ ଶିଳାଲେଖରେ ୧୨୨୫ ମସିହାରୁ ଯେଉଁ ଦଶଅବତାର ପୂଜା ପାଉଛନ୍ତି, ସେଥିରେ ବୁଦ୍ଧଙ୍କୁ ଏକ ଅବତାର ଏକ ଅବତାର ଭାବରେ ଗ୍ରହଣ କରାଯାଇଛି। ଦକ୍ଷିଣ ଭାରତର ବିଭିନ୍ନ ବିଷ୍ଣୁ ମନ୍ଦିର ମାନଙ୍କରେ ମଧ୍ୟ ବୁଦ୍ଧମୂର୍ତ୍ତି ଦଶ ଅବତାର ମଧ୍ୟରେ ସ୍ଥାନ ପାଇଛନ୍ତି । ଏଲୋରା ପର୍ବତରେ କିନ୍ତୁ ଖୋଦିତ ବୁଦ୍ଧମୂର୍ତ୍ତିର ନାମ ଜଗନ୍ନାଥ ବୋଲି ଉଲ୍ଲେଖ ଅଛି । ବୌଦ୍ଧଧର୍ମ ଉପରେ ବିଜୟ ଲାଭ କରିବା ପାଇଁ ଆଦିଶଙ୍କର ସାରା ଭାରତ ଭ୍ରମଣ କରିଥିଲେ ଦେଶର ଚତୁଃପ୍ରାନ୍ତରେ ଚାରିଟି ଆଦିଶଙ୍କର ପୀଠ ଓ ବିଷ୍ଣୁଧାମ ପ୍ରତିଷ୍ଠା କରିଥିଲେ । ବିଭିନ୍ନ ମନ୍ଦିରମାନଙ୍କରେ ସିଂହଦ୍ୱାର ନିକଟରେ ହସ୍ତୀ ଉପରେ ସିଂହର ଦଳନ ମୂର୍ତ୍ତି ବିଦ୍ୟମାନ, ଯାହା ବୁଦ୍ଧଧର୍ମ ପରେ ବିଜୟ ପ୍ରାପ୍ତ କରିବାର ଏକ ପ୍ରତୀକାତ୍ମକ ହସ୍ତୀ- ଭଗବାନ ବୁଦ୍ଧଙ୍କ ସ୍ୱରୂପ ଭାବରେ ବୌଦ୍ଧଧର୍ମାବଲମ୍ବୀ ମତ ରଖିଲା ବେଳେ ବୈଷ୍ଣବ ଶାକ୍ତ ଧର୍ମର ପ୍ରତୀକ ସିଂହକୁ ଗ୍ରହଣ କରାଯାଇଛି । ଶଙ୍କରାଚାର୍ଯ୍ୟ ବୁଦ୍ଧଧର୍ମକୁ ଗୌଣ ରୂପ ଦେଇ ଯେଉଁ ବ୍ରାହ୍ମଣ୍ୟ ବୈଷ୍ଣବ ଧର୍ମକୁ ଦେଶରେ ପ୍ରସାର କରାଇ ଥିଲେ, ଶେଷରେ ତାଙ୍କ ଅନ୍ତିମ ସମୟରେ 'ଯୋଗୀନଂ ଚକ୍ରବର୍ତ୍ତୀ' ବୋଲି ବର୍ଣ୍ଣନା କରି ଦଶାବତାର ସ୍ତୋତ୍ର ମଧ୍ୟରେ ବୁଦ୍ଧଙ୍କୁ ବନ୍ଦନା କରିଥିବାର ଉଲ୍ଲେଖ ଥିବା କୁହାଯାଉଛି । ଯଥା- 'ଧରାବଦ୍ଧ ପଦ୍ମାସନା ସ୍ଥାନାଗ୍ରିମ, ଷଷ୍ଠିନିୟମ୍ୟାନିଳମ୍ ନ୍ୟସ୍ତ ନାସାଗ୍ରେ ଦୃଷ୍ଟି ଯୋ ଅସ୍ତେ କଲୌ ଯୋଗୀନଂ ଚକ୍ରବର୍ତ୍ତୀ, ସୋ ବୁଦ୍ଧଃ ପ୍ରବୋଧସ୍ତୁ ନିଶ୍ଚିନ୍ତବର୍ତ୍ତୀ ।' ଏହାର ଅର୍ଥ ହେଉଛି, 'ଯେ ନିଜର ଦୃଷ୍ଟି ନାସାଗ୍ରରେ ରଖି ଷଡ଼ ଇନ୍ଦ୍ରିୟଙ୍କୁ ସଂଯତ କରି ଭୂମି ଉପରେ ପଦ୍ମାସନରେ ଉପବିଷ୍ଟ ରହିଛନ୍ତି, ଯିଏ କଳିଯୁଗରେ ସମସ୍ତ ଯୋଗୀଙ୍କର ରାଜା (ଚକ୍ରବର୍ତ୍ତୀ), ସେଇ ବୁଦ୍ଧଙ୍କର ଆଶୀର୍ବାଦ ସମସ୍ତଙ୍କୁ ସେମାନଙ୍କର ଦୁଃଖ ଯାତନାରୁ ନିବୃତ୍ତି ପ୍ରଦାନ କରୁ ।' ଶ୍ରୀ ଜଗନ୍ନାଥ ମନ୍ଦିରର ସାମଞ୍ଜସ୍ୟ ରହିଥିବା ଦେଖିବାକୁ ମିଳୁଛି । ମହାଶ୍ରମ (ଶ୍ରମଣ ଅର୍ଥରେ ଗଜପତିଙ୍କୁ), ଶ୍ରୀକପଡ଼ା, ଖପରାଖିଆ (କୁଡୁଆ), ନିଶଙ୍ଖୁଡ଼ି ଭୋଗ ପ୍ରସାଦ ଆଦି ବ୍ୟବହୃତ ବୌଦ୍ଧ ସମୟର ଶବ୍ଦ ଶ୍ରୀମନ୍ଦିରରେ ମଧ୍ୟ ଏଯାବତ୍ ବ୍ୟବହୃତ ହେଉଛି । କଲ୍ୟାଣ ପୁରାଣରରୁ ସଂଗୃହୀତ ତଥ୍ୟାନୁଯାୟୀ, ଦଶ ଅବତାରଙ୍କ ଜୟନ୍ତୀ ଉତ୍ସବ ପାଳନ କରାଗଲା ବେଳେ ମତ୍ସ୍ୟଜୟନ୍ତୀ, ଶ୍ରୀକୂର୍ମଜୟନ୍ତୀ, ବରାହ ଜୟନ୍ତୀ ଭଳି ଅନ୍ୟ ଜୟନ୍ତୀ ଉତ୍ସବ ପାଳନ କରାଯାଉଥିଲା ବେଳେ ଅହିଂସା ଧର୍ମ, ରୋଗ, ଶୋକ, ବିନାଶର ମୂର୍ତ୍ତିମନ୍ତ ପ୍ରତୀକ ଭଗବାନ ବୁଦ୍ଧଙ୍କ ସିଦ୍ଧି ପ୍ରାପ୍ତ ଦିବସ ତଥା ପୌଷ ଶୁକ୍ଳ ସପ୍ତମୀ ତିଥିକୁ ବୁଦ୍ଧଜୟନ୍ତୀ ରୂପେ ପାଳନ କରାଯିବାର ପରମ୍ପରା ଅନୁଭୂତ ହେଉଛି । ଶ୍ରୀଜଗନ୍ନାଥ ଶ୍ରୀଗୁଣ୍ଡିଚା ରଥଯାତ୍ରା ବେଳେ ଦଶଅବତାର ବେଶରେ ପୂଜା କରାଯାଇଥାଏ ବୋଲି ମଧ୍ୟ କୁହା ଯାଇଥାଏ । ଚତୁର୍ଦ୍ଧା ମୂର୍ତ୍ତିଙ୍କୁ କୁସୁମ ଲାଗି କଲେ ମତ୍ସ୍ୟ ଅବତାର, ତୁଳି ଲାଗି ବେଳେ ଶ୍ରୀକୂର୍ମ ଅବତାର, ଏଭଳି ଅନ୍ତର୍ବେଦୀ ମହୋତ୍ସବରେ ବୌଦ୍ଧ ଅବତାର ଧାରଣ କରନ୍ତି ବୋଲି ଶାସ୍ତ୍ରୀୟ ପ୍ରମାଣ ରହିଛି, ଯାହା ଶ୍ରୀଜଗନ୍ନାଥ ଓ ବୁଦ୍ଧଙ୍କୁ ଏକତ୍ର ଦଶ ଅବତାର ମଧ୍ୟରେ ଗ୍ରହଣ କରିଛି । (ଉ.ପ୍ର. ୨୦୧୪, ପୃ-୨୫୫)

ନାଗବଂଶୀ ବୌଦ୍ଧ ଧର୍ମାବଲମ୍ବୀମାନେ ସର୍ବ ପ୍ରଥମେ ଆଦିବାସୀମାନଙ୍କ ଦ୍ୱାରା ପୂଜିତ ଖମ୍ଭ/ ସ୍ତମ୍ଭ (ଜଗନ୍ତ) ଓ ନାଗବଂଶର ଲାଞ୍ଛନ ସର୍ବମୁଖାକୃତିକୁ ନେଇ, ଜଗନ୍ନାଥ ମୂର୍ତ୍ତିର କଳ୍ପନା କରିଥିଲେ । ପ୍ରାୟତଃ ସେହି ବେଳରେ ବଜ୍ରଯାନର ପ୍ରବକ୍ତା ଇନ୍ଦ୍ରଭୂତି 'ଜଗନ୍ତ' ସହିତ 'ନାଥ' ଶବ୍ଦକୁ ଯୋଡ଼ି 'ଜଗତନାଥ' ଜଗନ୍ନାଥ ଶବ୍ଦର ଉତ୍ପତ୍ତି କରାଇଥିଲେ । କିମ୍ବଦନ୍ତୀ କହେ ଯେ, ମହାରାଜା ଇନ୍ଦ୍ରଦ୍ୟୁମ୍ନଙ୍କର ଅନ୍ୟ ନାମ ହେଉଛି ଇନ୍ଦ୍ରଭୂତି । ଇନ୍ଦ୍ରଦ୍ୟୁମ୍ନ କ୍ରମଶଃ ଅପଭ୍ରଂଶ ହୋଇ ଇନ୍ଦଭୂତି ହୋଇଥିବା କୁହାଯାଏ । ରାଜା ଇନ୍ଦ୍ରଦ୍ୟୁମ୍ନ ପୁରୀକ୍ଷେତ୍ର ନୀଳ ପର୍ବତରେ ଜଗନ୍ନାଥ ମନ୍ଦିର ଓ ତ୍ରିମୂର୍ତ୍ତି ପ୍ରତିଷ୍ଠା କରିବାର ପୌରାଣିକ ବର୍ଣ୍ଣନା ରହିଛି । ଅନ୍ୟ ମତରେ ପୁରୀରେ ବୌଦ୍ଧସ୍ତୁପରେ ବୌଦ୍ଧ ଦେବତା ତ୍ରିରତ୍ନ (ଇନ୍ଦ୍ରଭୂତିଙ୍କ) ପୂଜିତ ହେଉଥିବା ବୌଦ୍ଧଗ୍ରନ୍ଥରେ ରହିଛି । ଖ୍ରୀ.ପୂ ପ୍ରଥମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ମଧ୍ୟରେ ବୌଦ୍ଧଧର୍ମରେ ମହାଯାନ ପନ୍ଥା ପ୍ରବର୍ତ୍ତିତ ହୋଇଥିଲା । ଏଥିରେ ବୁଦ୍ଧ ଓ ବୋଧିସତ୍ତ୍ୱମାନଙ୍କ ପୂଜାର୍ଚ୍ଚନା କରାଗଲା । ସେହି ସମୟରୁ ବୌଦ୍ଧ ଧର୍ମର ଉପାସକମାନେ ବୌଦ୍ଧ ତ୍ରିରତ୍ନଙ୍କୁ ପୂଜା କରୁଥିଲେ । ଏହି ତ୍ରିରତ୍ନ ଚିହ୍ନ ତ୍ରୟଙ୍କୁ ଜଗନ୍ନାଥ ବୋଲି ପରବର୍ତ୍ତୀ କାଳରେ କୁହାଗଲା। ପୁରାତନ ପାଲି ଭାଷା ସାହିତ୍ୟ ଓ ନେପାଳରୁ ମିଳିଥିବା ତନ୍ତ୍ର ସାହିତ୍ୟରେ ମଧ୍ୟ ତ୍ରିରତ୍ନଙ୍କୁ ଜଗନ୍ନାଥ ନାମରେ ଅଭିହିତ କରାଯାଉଥିବା ପ୍ରମାଣ ମିଳୁଛି । ଏ ଦୃଷ୍ଟିରୁ ବୁଦ୍ଧଙ୍କର ଅଘର ନାମ ଜଗନ୍ତ ଓ ଜଗନ୍ତରୁ ଜଗନ୍ନାଥ ହୋଇଥିବା ମନେ ହୁଏ । ପନଃ 'ଖମ୍ଭ' ଦେବତାରୁ ସ୍ତମ୍ଭ ଓ ଦାରୁଦେବତାମାନଙ୍କର ଅବିର୍ଭାବ ଆଜିକାର ଜଗନ୍ନାଥ ସଂସ୍କୃତିକୁ ବୌଦ୍ଧ ପରମ୍ପରା ଦୃଢ଼ୀଭୂତ କରୁଛି । ରଥଯାତ୍ରା ପରେ ଦାରୁଦେବତାମାନଙ୍କର ନୀଳାଦ୍ରି ବିଜୟ, ସୁନାବେଶ ପରେ ହରିଶୟନ ଏକାଦଶୀରୁ ଚାରି ମାସ ପ୍ରାୟ ସମୟ ଚତୁର୍ମାସ୍ୟାରେ ଠାକୁର ଶୟନ କରି ପୁନଃ ଦେବ ଉତ୍ଥାପନ ଏକାଦଶୀରେ ନିଦ୍ରାରୁ ଉଠିଥାନ୍ତି। ଏଣୁ ଚତୁର୍ମାସ୍ୟା ସମୟରେ କୌଣସି ଜାଗଯଜ୍ଞାଦି ଶୁଭ କାର୍ଯ୍ୟ କରାଯାଇନଥାଏ । ସେଭଳି ବୌଦ୍ଧ ଶ୍ରମଣମାନେ ମଧ୍ୟ ବାହାରକୁ ନ ଯାଇ ବୌଦ୍ଧ ବିହାର ମାନଙ୍କରେ ବିଶ୍ରାମ ଓ ଆଲୋଚନାରେ ଚତୁର୍ମାସ୍ୟା ନିର୍ବାହ କରିଥାନ୍ତି । ବୌଦ୍ଧଧର୍ମରେ ରଥଯାତ୍ରା ରହିଛି ଓ ହିନ୍ଦୁଧର୍ମର ଶ୍ରୀଜଗନ୍ନାଥାଦି ଦେବତାଙ୍କର ବି ରଥଯାତ୍ରା ରହିଛି । ପୁଣି ଉଭୟ ଧର୍ମୀୟ ଧାରାରେ ରଥରେ ବାମନ ଜଗନ୍ନାଥ ଓ ବୁଦ୍ଧଙ୍କୁ ଦର୍ଶନ ଓ ସ୍ପର୍ଶ କଲେ ସର୍ବପାତକ ନାଶ ଯାଇ ଭକ୍ତଙ୍କ ପୁନର୍ଜନ୍ମ ହୁଏ ନାହିଁ ଓ ନିର୍ବାଣ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି।

♥ ସଂସ୍କୃତି ସଦନ, ବୟାଳୀ, ମନ୍ତ୍ରିଡ଼ି
ମୋ: ୯୩୩୭୬୯୦୬୮୮

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୨୫ ମଇ ୨୦୨୫

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com



# ଭାରତୀୟ ସମ୍ବିଧାନ, ଧର୍ମ ନିରପେକ୍ଷତା ଓ ଧର୍ମ ବିବର୍ତ୍ତନରେ ଶ୍ରୀଜଗନ୍ନାଥ



♥ ସୌର ଚନ୍ଦ୍ର ମହାପାତ୍ର

ଆମ ମହାନ ଭାରତୀୟ ସମ୍ବିଧାନରେ ଧର୍ମ ରକ୍ଷା ଏକ ମୌଳିକ ଅଧିକାର । ଆର୍ଯ୍ୟ ସନାତନ ସଂସ୍କୃତିର ଉଜ୍ଜ୍ୱଳତମ ପ୍ରତୀକ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଭାରତ ସବୁ ଧର୍ମକୁ ସମାନ ଦୃଷ୍ଟିରେ ଉଦାର ଭାବରେ ଦୃଷ୍ଟି ଦେବ ଓ ସହାୟତାର ହାତ ବଢ଼ାଇବ । ଲୋକମାନଙ୍କ ଭିତରେ ଧର୍ମ ବିଶ୍ୱାସରେ ରାଷ୍ଟ୍ର ବାଧା ଉପୁଜାଇ ପାରିବ ନାହିଁ । କେବଳ ସେତିକି ନୁହେଁ କୌଣସି ନିର୍ଦ୍ଦିଷ୍ଟ ଧର୍ମ ପ୍ରଚାର ପାଇଁ ଦେଶ କୌଣସି ପ୍ରକାର ଟିକସ ବା କର ସଂଗ୍ରହ କରିପାରିବ ନାହିଁ । ଏହା ସହ ରାଷ୍ଟ୍ରର କର୍ମଚାରୀ ବା ସରକାରୀ କର୍ମଚାରୀମାନେ କୌଣସି ନିର୍ଦ୍ଦିଷ୍ଟ ଧର୍ମ ପ୍ରଚାର ଭିତରେ ନିଜକୁ ଆବଦ୍ଧ ରଖିପାରିବେ ନାହିଁ । ସମ୍ବିଧାନରେ ଧର୍ମ ରକ୍ଷା ପାଇଁ ଯେଉଁ ମୌଳିକ ଅଧିକାର ଦିଆଯାଇଛି ତାହା ହିଁ ଭାରତୀୟ ସମ୍ବିଧାନର ରକ୍ଷା କବଚ । ପ୍ରତ୍ୟେକଙ୍କ ନିଜସ୍ୱ ଧର୍ମ ରକ୍ଷା ପାଇଁ ଭାରତୀୟ ସମ୍ବିଧାନର ୨୫/୨୬ ଧାରା ରହିଛି । ତେବେ ଆସନ୍ତୁ ସର୍ବପ୍ରଥମେ ଧର୍ମ ନିରପେକ୍ଷ ରାଷ୍ଟ୍ରର ଆଦର୍ଶ ସମ୍ପର୍କରେ ଭଲ ଭାବେ ବୁଝିବା । ଓଡ଼ିଶାର ଜଗନ୍ନାଥ ମନ୍ଦିର ହେଉ ବା କୋଣାର୍କ ଦେଉଳ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ହେଉ ବା ଅନେକ ଦେବାଦେବୀଙ୍କ ମନ୍ଦିର ରାଜାମହାରାଜଙ୍କ ପୃଷ୍ଠପୋଷକତାରେ ତିଆରି ହୋଇଛି । ରାଷ୍ଟ୍ରଧର୍ମ ସମ୍ପ୍ରଦାୟଙ୍କ ଧର୍ମଧାରା ଉପରେ କୌଣସି ହସ୍ତକ୍ଷେପ ନକରିବା ନୀତି ଓ ଆଦର୍ଶ ରହିଛି । ଧର୍ମ ନିରପେକ୍ଷ ରାଷ୍ଟ୍ରର ମୋଟାମୋଟି ନୀତି ହେଲା ରାଷ୍ଟ୍ର କେତେ ଗୁଡ଼ିଏ ମୌଳିକ ନୀତି ଉପରେ ଆଧାରିତ ଏବଂ ସମାଜର କଲ୍ୟାଣ ହିଁ ଏହାର ମୂଳ ଲକ୍ଷ୍ୟ । ଏଠାରେ ଉଲ୍ଲେଖ କରିପାରୁକି ଯେ, ଇଂଲଣ୍ଡରେ ଅଷ୍ଟମ ହେନେରୀଙ୍କ ସମୟରୁ ଧର୍ମଧାରା ବା ଗୀର୍ଜା ରାଷ୍ଟ୍ରରୁ ଅଲଗା ହୋଇଯାଇଥିଲା । ତାହା ପୂର୍ବରୁ ରାଜା ବା ଶାସକ ମଧ୍ୟ ଏହି ପ୍ରଭାବଶାଳୀ ଧର୍ମ ଗୋଷ୍ଠୀର ନେତୃତ୍ୱ ଓ ମାର୍ଗଦର୍ଶନ କରୁଥିଲେ । ଧର୍ମ ନିରପେକ୍ଷ ରାଷ୍ଟ୍ରର ମୂଳଭିତ୍ତି ହେଉଛି ମଣିଷର ମଙ୍ଗଳ କାମନା ପାଇଁ କେତେକ ନୀତି ଉପରେ ଶାସନ ପରିଚାଳନା କରିବା । ରାଷ୍ଟ୍ର ସମ୍ମୁଖରେ ଉଭୟ ଆସ୍ତିକ ଓ ନାସ୍ତିକର ପ୍ରଶ୍ନ ବା ଆହ୍ୱାନ ନଥାଏ କାରଣ ଏହା ହେଉଛି ସମ୍ପୂର୍ଣ୍ଣ ବ୍ୟକ୍ତିଗତ ଧର୍ମ ଧାରଣା । ତେଣୁ କୌଣସି ଧର୍ମ ଗୋଷ୍ଠୀ ସହିତ ସମ୍ପୃକ୍ତ ନରହି ମଣିଷର ମଙ୍ଗଳ ବିଧାନ ଧର୍ମ ନିରପେକ୍ଷ ରାଷ୍ଟ୍ରର ମୌଳିକ ନୀତି ଓ ଭିତ୍ତି ।

ସମଗ୍ର ବିଶ୍ୱ ଆଡ଼କୁ ଟିକିଏ ଦେଖାଯାଉ । ପୃଥିବୀର ବିଭିନ୍ନ ରାଷ୍ଟ୍ରର ରାଷ୍ଟ୍ରଧର୍ମ ରୂପେ ଇସଲାମ ଧର୍ମ ବା ଖ୍ରୀଷ୍ଟିଆନ ଧର୍ମ ରହିଛି କିନ୍ତୁ ଭାରତ ନିଜର ଧର୍ମ ନିରପେକ୍ଷତା ବଜାୟ ରଖି ଓ ବିଭିନ୍ନ ଧର୍ମାବଲମ୍ବୀ ନାଗରିକଙ୍କୁ ବାସ କରିବାର ସୁଯୋଗ ଦେଇ ଧର୍ମ ନିରପେକ୍ଷ ରାଷ୍ଟ୍ରର ଗୌରବକୁ ବଢ଼ାଇଛି । ଅନେକ ହୁଏତ ଜାଣି ନଥିବେ ଆମେରିକାର ସୁପ୍ରିମ କୋର୍ଟରେ ବିଚାର ଆରମ୍ଭ ପୂର୍ବରୁ ପ୍ରାର୍ଥନା ଅନୁଷ୍ଠିତ ହୋଇଥାଏ ଏବଂ ସମସ୍ତ ବିଚାରପତି ଛିଡ଼ା ହୋଇ ଏହି ସମବେତ ପ୍ରାର୍ଥନାରେ ଯୋଗ ଦେଇଥାନ୍ତି । ପୁରୁଷୋତ୍ତମ ଶ୍ରୀଜଗନ୍ନାଥଙ୍କ ଗବେଷକ ନବକିଶୋର ଦାସଙ୍କ ପ୍ରଦତ୍ତ ତଥ୍ୟ ଅନୁଯାୟୀ ଆମେରିକାର ବ୍ୟବସ୍ଥା ପରିଷଦ ମାନଙ୍କରେ ଧର୍ମଯାଜକ ନିଯୁକ୍ତି ହୋଇ ରାଷ୍ଟ୍ରର ରାଜକୋଷରୁ ଦରମା ଓ ସୁବିଧା ପାଇଥାନ୍ତି । ଆମେରିକାର ଜାତୀୟ ସଂଗୀତରେ ମଧ୍ୟ ଭଗବାନଙ୍କ ନାମ ବ୍ୟବହୃତ ହୋଇଛି । ତେବେ ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଭଗବାନଙ୍କ ଦିବ୍ୟ ନାମରେ ସତ କହିବା ପାଇଁ ଏବେ ମଧ୍ୟ ଶପଥ କରିବାର ବ୍ୟବସ୍ଥା ରହିଛି । ତେବେ ଭାରତର ଧର୍ମନିରପେକ୍ଷତା ତିନୋଟି ମୌଳିକ ନୀତି ପାଳନ କରୁଛି । ତାହା ହେଉଛି ଧର୍ମ ସ୍ୱାଧୀନତା, ନାଗରିକ ମାନଙ୍କ ସହ ବିଶେଷକରି ସେମାନଙ୍କ ପ୍ରଶ୍ନ ସହ ଧର୍ମର କୌଣସି ସମ୍ପର୍କ ନାହିଁ ଏବଂ ସବୁଠାରୁ ବଡ଼କଥାଟି ହେଉଛି ରାଷ୍ଟ୍ର କାର୍ଯ୍ୟ ବା ଜାତୀୟ କାର୍ଯ୍ୟରୁ ଧର୍ମ ସମ୍ପୂର୍ଣ୍ଣ ଅଲଗା । କିନ୍ତୁ ଏଠାରେ ଆମେ ସ୍ପଷ୍ଟ କରୁଛୁ ଯେ ଧର୍ମ ନିରପେକ୍ଷ ରାଷ୍ଟ୍ର କହିଲେ ଭଗବାନ ଶୂନ୍ୟ ରାଷ୍ଟ୍ର, ଧର୍ମ ବିରୋଧୀ ରାଷ୍ଟ୍ର କିମ୍ବା ଧର୍ମଛଡ଼ା ରାଷ୍ଟ୍ରକୁ ବୁଝାଉ ନାହୁଁ । ସବୁଧର୍ମ ପ୍ରତି ସମାନ ଓ ଉଦାର ମର୍ଯ୍ୟାଦା ଆମ ଭାରତୀୟ ସଂସ୍କୃତିର ଅନ୍ୟତମ ମହାର୍ଘ ସମ୍ପତ୍ତି । ଭାରତୀୟ ଧର୍ମନିରପେକ୍ଷ ରାଷ୍ଟ୍ରର ଆଦର୍ଶ ହେଉଛି ସ୍ୱାଧୀନତା, ସମତା ଓ ସହନଶୀଳତା ।

ମହାନ ଶ୍ରୀଜଗନ୍ନାଥ ସଂସ୍କୃତି ସମ୍ପର୍କରେ ଆଲୋଚନା କଲାବେଳେ ଆଦି ଭାରତୀୟ ଶବର ମାନଙ୍କ ସେହି ଜଗନ୍ନାଥ ହିଁ ପରଂବ୍ରହ୍ମ ଓ ପୂର୍ଣ୍ଣବ୍ରହ୍ମ ଏଥିରେ କୌଣସି ଦ୍ୱିମତ ନାହିଁ । ତେବେ ବିଭିନ୍ନ ଧର୍ମର ପ୍ରାଧାନ୍ୟ ଭିନ୍ନ ଭିନ୍ନ ସମୟରେ ହୋଇଥିବାର ଇତିହାସ ରହିଛି । ଗୋରା ଇଂରେଜମାନେ ଭାରତ ଶାସନାଧୀନ କଲାପରେ କେବଳ ଇଂରେଜ ଭାଷା ସାହିତ୍ୟ ବିଦ୍ୟାଳୟକୁ ପ୍ରଚଳନ କରିନଥିଲେ ବରଂ ଖ୍ରୀଷ୍ଟିଆନ ଧର୍ମ ପ୍ରଚାର ପାଇଁ ନାନାଦି ଉଦ୍ୟମ ମଧ୍ୟ ହୋଇଥିଲା । ଯାହାର ଫଳସ୍ୱରୂପ ବ୍ରାହ୍ମଧର୍ମ ଅଭ୍ୟୁଦୟ ହେଲା । ସେହିପରି ମୁସଲିମ ଧର୍ମର ପ୍ରଭାବ ପାଇଁ ଗୁରୁ ନାନକ ଶିଖ ଧର୍ମ ସୃଷ୍ଟି କରି ଇସଲାମ କବଳରୁ ପଞ୍ଜାବକୁ ରକ୍ଷା କରିଥିଲେ । ଗବେଷକ ନବକିଶୋର ଦାସଙ୍କ ଗବେଷଣାଲବ୍ଧ ତଥ୍ୟ ଅନୁଯାୟୀ ଶ୍ରୀ ଚୈତନ୍ୟଙ୍କ ବୈଷ୍ଣବ ଧର୍ମ ବଙ୍ଗଳାକୁ ଇସଲାମ ଧାର୍ମିକ ଆକ୍ରମଣରୁ ମଧ୍ୟ ଅନେକାଂଶରେ ରକ୍ଷା କରିବାରେ ସମର୍ଥ ହୋଇଥିଲା । ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ । ଏହିପରି ଧାର୍ମିକ ବିବର୍ତ୍ତନର ଚିତ୍ର ସ୍ପଷ୍ଟ କରୁଛି ସମସାମୟିକ ଧାର୍ମିକ ଚିନ୍ତାଧାରା ଶ୍ରୀମନ୍ଦିର ଉପରେ ଓ ଶ୍ରୀଜଗନ୍ନାଥ ସଂସ୍କୃତି ଉପରେ ପ୍ରଭାବ ପକାଇଛି ।

ଓଡ଼ିଶା ଭାରତୀୟ ମହାନ ଧର୍ମଧାରାର ଏକ ଛୋଟ ସଂସ୍କରଣ । ଯେଉଁ ଭାବ ତରଙ୍ଗରେ ଆଧ୍ୟାତ୍ମିକ ଜନଜୀବନ ପ୍ରତିଟି ଓଡ଼ିଆଙ୍କ ଭିତରେ ଶିହରିତ ତାହାର ପ୍ରତିଛବି ଓଡ଼ିଶା ଜନ ଜୀବନରେ ମଧ୍ୟ ପ୍ରତିଫଳିତ । ଗ୍ରାମଦେବତୀ ହୁଅନ୍ତୁ ବା ମାତୃପୂଜା ଏ ସବୁ ଭିତରେ ଓଡ଼ିଆଙ୍କ ଭିତରେ ଆଧ୍ୟାତ୍ମିକ ଅଭ୍ୟୁଦୟ ଓ ଚେତନା ମହାନ ଆର୍ଯ୍ୟ ସନାତନ ସଂସ୍କୃତିକୁ ପ୍ଲାବିତ କରିଛି । ଧର୍ମ ବିବର୍ତ୍ତନରେ ଶ୍ରୀଜଗନ୍ନାଥଙ୍କ ପ୍ରୟୋଜନୀୟତା ମଧ୍ୟ ଥିଲା, ଅଛି ଓ ରହିବ ମଧ୍ୟ । ରାଷ୍ଟ୍ରନୀତି ଦିଗରୁ ମଧ୍ୟ ଶ୍ରୀଜଗନ୍ନାଥ ଏକ ବିରାଟ ସଂହତିର ସ୍ମାରକ । ଧର୍ମର ଜୀବନ ସହିତ ସମ୍ପର୍କ ନଥିଲେ ତାହା ଧର୍ମ ନୁହେଁ । ପ୍ରଭୁ ଶ୍ରୀଜଗନ୍ନାଥ ସେହିପରି ଧର୍ମ ଜଗତରେ ଏକ ଜୀବନ ଅଭିମୁଖି ଦେବତା । ଶ୍ରୀଜଗନ୍ନାଥଙ୍କ ପୂଜା, ପର୍ବପର୍ବାଣୀ, ଧର୍ମ ଧାରଣା ମଧ୍ୟରେ ଜୀବନର ଗଭୀର ସମ୍ପର୍କ ଓଡ଼ିଶା ତଥା ଭାରତୀୟ ସମାଜର ନିବିଡ଼ ସମ୍ବନ୍ଧ ।

ସନାତନ ଧର୍ମ ସଂସ୍କୃତିରେ ବହୁ ଧାର୍ମିକ ପ୍ରଥା, ପଦ୍ଧତି ଆଦି ଭାରତୀୟଙ୍କ ଧର୍ମ ଧାରଣା ଓ ଧାର୍ମିକ ପଦ୍ଧତିରୁ ଗୃହୀତ । ବେଦର କର୍ମକାଣ୍ଡ କିଛି କିଛି ମିଶି ଅଛି ଆର୍ଯ୍ୟମାନଙ୍କ ଯଜ୍ଞ ଆସି ରହିଚି ହୋମରେ । କୌଣସି ପୂଜା ଆରମ୍ଭ କରିବା ପୂର୍ବରୁ ହୋମ ହୋଇଥାଏ । ଏହା ବାୟୁ ଶୋଧନ ପାଇଁ । ସେହିପରି ଉତ୍ତର ଭାରତରେ ଶୀତ ଅଧିକ ହୋଇଥିବାରୁ ପ୍ରାର୍ଥନାରତ ନର, ନାରୀମାନେ ହବନ ବା ହୋମ ଆରମ୍ଭ କରି ପ୍ରାର୍ଥନା ବା ସତସଙ୍ଗ ଆଦି ଅନୁଷ୍ଠାନ ଆରମ୍ଭ କରିଥାନ୍ତି ।


ଓଡ଼ିଶାର ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଜାତୀୟ ଓ ଆନ୍ତର୍ଜାତୀୟ ସଂହତିର ପ୍ରତୀକ ଅଟନ୍ତି । ଓଡ଼ିଶାର ଶ୍ରୀଜଗନ୍ନାଥ ଭାରତର ସବୁଧର୍ମ ସମ୍ପ୍ରଦାୟର ଦେବତା ରୂପେ ଗୃହୀତ । ଜୈନ, ବୌଦ୍ଧ, ଶୈବ, ଶାକ୍ତ, ବୈଷ୍ଣବ ପ୍ରଭୃତି ସବୁଧର୍ମ ସମ୍ପ୍ରଦାୟ ଜଗନ୍ନାଥଙ୍କୁ ନିଜର ଦେବତା ରୂପେ ମାନ୍ୟତା ପ୍ରଦାନ କରିଥାନ୍ତି । ଭାରତର ଆର୍ଯ୍ୟ, ଦ୍ରାବିଡ଼ ଓ ଆଦିବାସୀ ସମ୍ପ୍ରଦାୟର ମଧ୍ୟ ସେ ଦେବତା । ସୌର ଉପାସକ ମାନଙ୍କର ସେ ଯେପରି ଜଗତଆତ୍ମା, ଜଗତ ଚକ୍ଷୁ, ଶାକ୍ତ ମାନଙ୍କର ସେ ସେହିପରି ମହାଭୈରବ । ଜଗନ୍ନାଥ ହେଉଛନ୍ତି ଗଣପତି ଭକ୍ତଙ୍କର ଉପାସ୍ୟ ବ୍ରହ୍ମ 'ଗଣନାଥ' ସନ୍ଥ ତୁଳସୀ ଦାସଙ୍କର କାଣ୍ଡକୋଦଣ୍ଡଧାରୀ ପ୍ରଭୁ 'ରଘୁନାଥ', କୃଷ୍ଣପ୍ରେମୀ ମାନଙ୍କ ପାଇଁ ସେ 'ବୃନ୍ଦାବନ ବିହାରୀ', ଶୈବମାନଙ୍କର ଦେବିଦେବ 'ତ୍ରିପୁରାରୀ' । ଶ୍ରୀଜଗନ୍ନାଥ ସାକାର ଓ ନିରାକାର ଉଭୟ । ସେ ନିର୍ଗୁଣ ଅଲେଖ ପନ୍ଥୀ ମାନଙ୍କର ଠୁଳ ଶୂନ୍ୟରୂପ । ଏଣେ ପୁଣି ସାକାରବାଦୀ ମାନଙ୍କର ସାକ୍ଷାତ ବିଗ୍ରହବନ୍ତ ଈଶ୍ୱର । ଜ୍ଞାନମାର୍ଗୀ ମାନଙ୍କର ସେ ବ୍ରହ୍ମ ଜିଜ୍ଞାସାର ଅପୂର୍ବ ବିଚାର ଏବଂ ଭକ୍ତିମାର୍ଗୀମାନଙ୍କର ଭକ୍ତି ତତ୍ତ୍ୱର ଗୁପ୍ତ ଯୁକ୍ତାକ୍ଷର । ଅଦ୍ୱୈତ-ଦ୍ୱୈତ ଶୁଦ୍ଧାଦ୍ୱୈତ ଓ ବିଶିଷ୍ଟାଦ୍ୱୈତ ମତବାଦ ସବୁ ଶ୍ରୀଜଗନ୍ନାଥଙ୍କ ଠାରେ ଏକାକାର ଓ ଏକାଧାର ।

♥ ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ,
୪ 'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ
(ମୋ) ୯୪୩୭୦୦୪୪୬୬

ସ୍ମରଣୀୟେଷୁ...

# କହ୍ନେଇଲାଲ ଦତ୍ତ

♥ ସୁଧାଂଶୁ ଶେଖର ଦ୍ୱିବେଦୀ



କହ୍ନେଇଲାଲ ଦତ୍ତଙ୍କ ଜନ୍ମ କଲିକତା ନିକଟବର୍ତ୍ତୀ ହୁବୁଳି ଜନପଦ ଅନ୍ତର୍ଗତ ଚନ୍ଦ୍ର ନଗର (ଏବେ ଚନ୍ଦନ ନଗର)ରେ ମାମୁଁଙ୍କ ଘରେ ଜନ୍ମାଷ୍ଟମୀ ରାତି ୧୯୮୮ ମସିହା ଅଗଷ୍ଟ ୩୦ ତାରିଖରେ ହୋଇ ଥିଲା ।

ମନ ମଧ୍ୟରେ ଦେଶ ମାତୃକା ପାଇଁ କିଛି କରିବାର ବିଚାର ରଖି କଲିକତା ଆସି ବାରୀନ୍ଦ୍ର ଘୋଷଙ୍କ ସଂସ୍ଥା ଯୁଗାନ୍ତର ଦ୍ୱାରା ପ୍ରକାଶିତ ଖବରକାଗଜରେ ସଂଶ୍ଳିଷ୍ଟ ହୋଇ ଯାଇଥିଲେ । ତାଙ୍କର ସ୍ପଷ୍ଟବାଦିତା ଏବଂ ରାଷ୍ଟ୍ରବାଦୀ ବିଚାର ହେତୁ ଖୁବ୍ ଅଳ୍ପ ଦିନରେ ବାରୀନ୍ଦ୍ର ଘୋଷଙ୍କ ସହିତ ନିବିଡ଼ ଘନିଷ୍ଠତା ହୋଇଗଲା ।

ମାଣିକତାଲା ସ୍ଥିତ ବାରୀନ୍ଦ୍ର ବାବୁଙ୍କ ଘରେ ସେ ଅବସ୍ଥାନ କରନ୍ତି । ସେଇଠି ରହି ସେ ନିଜର ସାଥୀ ସ୍ୱାଧୀନତା ସଂଗ୍ରାମୀଙ୍କ ସହିତ ବୈଠକ ଏବଂ ପ୍ରଶିକ୍ଷଣରେ ସହଭାଗିତା କରନ୍ତି । ନିଜର ଅମ୍ଳାନ ବିଚାର, ନୈତିକତା, ନିର୍ଭୀକତା ଓ ଭୌତିକ ଶକ୍ତି ଦ୍ୱାରା ଯଥାଶୀଘ୍ର ସାଥୀଙ୍କ ନିକଟରେ ପ୍ରିୟ ଭାଜନ ହୋଇଗଲେ । ସ୍ୱାଧୀନତା ସଂଗ୍ରାମୀ ଉଲ୍ଲାସକର ଦତ୍ତ, ପ୍ରଫୁଲ୍ଲ ଚାକି, ଖୁଦୀରାମ ବୋଷ ଓ ସତ୍ୟେନ୍ଦ୍ର ନାଥ ବୋଷଙ୍କ ମଧ୍ୟରେ କହ୍ନେଇଲାଲ ଏକ ସ୍ୱତନ୍ତ୍ର ଛାପ ପକାଇଥିଲେ ।

ସେମାନଙ୍କ ସହିତ ପ୍ରତିଦିନ ଦେଖା କରିବା, ଦେଶ ଦୁନିଆର ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଆଲୋଚନା କରିବା, ଯୁଗାନ୍ତର ପାଇଁ ଆବଶ୍ୟକ ସାମଗ୍ରୀ ଏକଜୁଟ କରିବା ଆଦି ଯୋଜନା କରୁଥିଲେ ।

ସେ ଯେଉଁଠାରେ ରାତିରେ ବିଶ୍ରାମ ନେବାପାଇଁ ଉପଯୋଗ କରୁଥିଲେ ସେଠାରେ କେବଳ ବମ୍, ଅନ୍ୟ ବିସ୍ଫୋଟକ ପଦାର୍ଥ ତଥା ବନ୍ଧୁକ, ଠେଙ୍ଗା ଆଦି ରଖା ହେଉଥିଲା । ଯାହା ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବା ଲାଗି ସହାୟକ ହେଉଥିଲା ।

୧୯୦୮ ମସିହା ଅପ୍ରେଲ ୩୦ ତାରିଖରେ ଖୁଦୀରାମ ବୋଷ ଓ ପ୍ରଫୁଲ୍ଲ ଚାକି ମୁଜାଫରପୁର ଜିଲ୍ଲା ଜଜ୍ କିଙ୍ଗସ୍ ଫୋର୍ଡଙ୍କୁ ମାରିବା ଉଦ୍ଦେଶ୍ୟରେ ତାଙ୍କ ଘୋଡା ଗାଡି ଉପରକୁ ବମ୍ ଫିଙ୍ଗିଲେ । କିନ୍ତୁ ଦୁର୍ଭାଗ୍ୟ ଯେ ସେ ଗାଡ଼ିରେ ବିସି ନଥିବାରୁ ବଞ୍ଚିଗଲେ । ମାତ୍ର ଉକ୍ତ ଗାଡ଼ିରେ ସେଦିନ ଇଂରେଜ ଓକିଲଙ୍କ ପତ୍ନୀ ଓ ଝିଅ ବିସିଥିବାରୁ ଦୁହେଁ ମୃତ୍ୟୁବରଣ କଲେ । ଏହା ଜାଣିବା ପରେ ଦୁଇ ସ୍ୱାଧୀନତା ସଂଗ୍ରାମୀ ପଶ୍ଚାତାପ ଦୁଃଖରେ ମ୍ରିୟମାଣ ହୋଇ ପଡିଥିଲେ ।

ବମ୍ ବିସ୍ଫୋଟ ପରେ ଇଂରେଜ ପୋଲିସ୍ ସତର୍କତା ସହିତ ବସ୍ ଷ୍ଟାଣ୍ଡ, ରେଳ ଷ୍ଟେସନ ଏବଂ ସାର୍ବଜନିକ ସ୍ଥାନରେ ପ୍ରତିବନ୍ଧ ଲଗାଇ ଦେଲେ । ଇଂରେଜ ସରକାର ଚାରିଆଡେ ଗୁପ୍ତଚର ଖଞ୍ଜି ସନ୍ଦିଗ୍ଧଙ୍କୁ ଧରି ଜେଲ୍ ନେଇଗଲେ । ସୁଯୋଗ ହେଉ କି ଦୁର୍ଯୋଗ ହେଉ ପୋଲିସ୍‌ର ପ୍ରଲୋଭନରେ ପଡି କ୍ରାନ୍ତିକାରୀ ନରେନ୍ଦ୍ର ନାଥ ଗୋସ୍ୱାମୀ ଅରବିନ୍ଦ ଘୋଷଙ୍କ ବିପକ୍ଷରେ ମିଥ୍ୟା ସାକ୍ଷୀ ଦେବାପାଇଁ ରାଜି ହୋଇଗଲା । ସାଥୀମାନଙ୍କ ସହିତ ବିଶ୍ୱାସଘାତକତା ଓ ଦେଶ ଦ୍ରୋହ କରିବା ହେତୁ ଅନ୍ୟମାନଙ୍କ ସହିତ ସାଧାରଣ ଜନତା ନରେନ୍ଦ୍ର ଗୋସ୍ୱାମୀ ବିରୁଦ୍ଧରେ ସ୍ଲୋଗାନ ଦେଇ ଘୋର ବିରୋଧ କଲେ । ସ୍ୱାଧୀନତା ସଂଗ୍ରାମୀମାନେ କୌଣସିମତେ ନରେନ୍ଦ୍ର ଗୋସ୍ୱାମୀ ଅଦାଲତରେ ବୟାନ ଦେବା ପୂର୍ବରୁ ମୃତ୍ୟୁ ଶଯ୍ୟାରେ ଶୋଇଦେବା ପାଇଁ ଯୋଜନାବଦ୍ଧ ନିର୍ଣ୍ଣୟ ନେଲେ । କହ୍ନେଇଲାଲ ଦତ୍ତ ଓ ସତ୍ୟେନ୍ଦ୍ରନାଥ ବୋଷ ସଂକଳ୍ପ ନେଲେ ଯେମିତିହେଉ ନରେନ୍ଦ୍ର ଗୋସ୍ୱାମୀଙ୍କୁ ମୃତ୍ୟୁଦଣ୍ଡ ଦେବେ ।

ଦିନେ ନରେନ୍ଦ୍ର ଗୋସ୍ୱାମୀ ଅଦାଲତକୁ ବୟାନ ଦେବାକୁ ଯିବା ବେଳେ ଜନତାଙ୍କ ମଧ୍ୟରୁ କେହି ଗୋଇଠା ମାରି ତଳେ ପକାଇ ଦେଲା । ଫଳସ୍ୱରୂପ ସେ ତଳେ ପଡି କ୍ଷତାକ୍ତ ହେଲା । ଅଧିକ କିଛି ବିପରୀତ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ଇଂରେଜ ପୋଲିସ୍ ଘେରିଯାଇ ତାକୁ ଅନ୍ୟ ଏକ ଜେଲକୁ ନେଇଗଲେ ।

ସେପଟେ କହ୍ନେଇ ଲାଲ ଓ ସତ୍ୟେନ୍ଦ୍ର ବୋଷଙ୍କ ପରାମର୍ଶରେ ଆନ୍ଦୋଳନ, ଧର୍ମଘଟ ହେଉଛି ବୋଲି ଖବର ପାଇ ପୋଲିସ୍ ଦୁହିଁଙ୍କୁ ନେଇ ଜଲ୍‌ରେ ରଖିଲା । କିନ୍ତୁ ଦୁହିଙ୍କ ମନ ମଧ୍ୟରେ ଯୋଜନା ଥାଏ ସୁଯୋଗ ପାଇଲେ ନରେନ୍ଦ୍ର ଗୋସ୍ୱାମୀଙ୍କୁ ମାରିବେ । ଯୋଜନା ଅନୁଯାୟୀ ଦୁହେଁ ଜେଲ୍ ଯନ୍ତ୍ରୀଙ୍କ ସହିତ ବନ୍ଧୁତା ସ୍ଥାପନ କରି ନିଜର ସୁରକ୍ଷା ନିମନ୍ତେ ଦୁଇଟି ପିସ୍ତଲ ମଗାଇ ରଖିଲେ । ଦିନେ ସତ୍ୟେନ୍ଦ୍ର ବୋଷ ହଠାତ୍ ପେଟରେ ଯନ୍ତ୍ରଣା ହେଉଛି ବୋଲି ଜଣାଇ ଜେଲ୍ ହସ୍ପିଟାଲରେ ଭର୍ତ୍ତି ହେଇଗଲେ । ପୁଣି ଦିନେ ଇଂରେଜ ପୋଲିସ୍ ପାଖେ କହିଲେ- ସ୍ୱାଧୀନତା ସଂଗ୍ରାମ କରିବାକୁ ମୋର ଆଉ ଇଚ୍ଛା ନାହିଁ । ମୁଁ ବି ନରେନ୍ଦ୍ର ଗୋସ୍ୱାମୀ ଭଳି ସରକାରୀ ସାକ୍ଷୀ ଦେବାକୁ ଚାହେଁ । ଏ ବିଷୟରେ ତା' ସହ ସାକ୍ଷାତ କରି ଆଲୋଚନା କରିବି ।

ଏ ଖବର ନରେନ୍ଦ୍ର ଗୋସ୍ୱାମୀ ଶୁଣିବା କ୍ଷଣି ସତ୍ୟେନ୍ଦ୍ର ବୋଷଙ୍କ ସହିତ ବାର୍ତ୍ତାଳାପ କରିବାକୁ ହସ୍ପିଟାଲରେ ପହଞ୍ଚିଗଲା । ଦୁହିଁଙ୍କ ମଧ୍ୟରେ ବାର୍ତ୍ତାଳାପ ଚାଲିଥିବା ଅବସରରେ ସତ୍ୟେନ୍ଦ୍ର ବୋଷ ନିଜ ଅଣ୍ଟାରେ ଲୁଚାଇ ରଖିଥିବା ପିସ୍ତଲ ବାହାର କରି ନରେନ୍ଦ୍ର ଗୋସ୍ୱାମୀ ଉପରକୁ ଗୁଳି ଚଳାଇଲେ । କିନ୍ତୁ ଦୁର୍ଭାଗ୍ୟ ନରେନ୍ଦ୍ର ଗୋସ୍ୱାମୀ ନିଜ ପ୍ରତି ବିପଦ ଜାଣି ଯଥାଶୀଘ୍ର ଦୌଡ଼ିବାକୁ ଲାଗିଲା । ଗୁଳିଟି ତା' ଗୋଡ଼ ଛୁଇଁ ବାହାରିଗଲା । ଶିକାର ଦୌଡ଼ି ପଳାଇ ଯାଉଥିବା ଦେଖି ଅନ୍ୟ କୋଠରୀରେ ଜଗିଥିବା କହ୍ନେଇଲାଲ ଚିତା ବାଘ ଭଳି ଝାମ୍ପ ମାରି ବାହାରି ଆସିଲେ ଏବଂ ନରେନ୍ଦ୍ର ପ୍ରତି ଧାଏଁ ଧାଏଁ ଗୁଳି ଚଳାଇଲେ । ସେତେବେଳକୁ ସତ୍ୟେନ୍ଦ୍ର ବୋଷ ମଧ୍ୟ ସେଠାରେ ପହଞ୍ଚି ନିଜ ପିସ୍ତଲର ଗୁଳି ନରେନ୍ଦ୍ର ପ୍ରତି ଖାଲି କରି ସାରିଥାନ୍ତି । ଦେଶ ଦ୍ରୋହୀ, ବିଶ୍ୱାସଘାତକ ନରେନ୍ଦ୍ର ଗୋସ୍ୱାମୀର ମୃତ୍ୟୁ ହେଲା । କହ୍ନେଇଲାଲ ଦତ୍ତ ଓ ସତ୍ୟେନ୍ଦ୍ର ନାଥ ବୋଷ ଶାନ୍ତିର ନିଃଶ୍ୱାସ ମାରିଲେ ।



କିନ୍ତୁ କିଛି ସମୟ ମଧ୍ୟରେ ଦୁହିଙ୍କ ଜୀବନର ନିଃଶ୍ୱାସ ନିଜ ପାଇଁ ପର ହୋଇଗଲା । ଇଂରେଜ ସରକାର କହ୍ନେଇଲାଲ ଦତ୍ତଙ୍କୁ ୧୯୦୮ ମସିହା ନଭେମ୍ବର ୧୦ ତାରିଖରେ ଅଲିପୁର ଜେଲରେ ଫାଶୀ ଦେଇଦେଲା । ଠିକ୍ ତା'ର ଦୁଇଦିନ ବାଦେ ଅର୍ଥାତ୍ ନଭେମ୍ବର ୧୨ ତାରିଖରେ ସତ୍ୟେନ୍ଦ୍ର ନାଥ ବୋଷଙ୍କୁ ମଧ୍ୟ ସେଇଠି ଫାଶୀ ଦିଆଗଲା । ସେଦିନ ସାରା କଲିକତା ସହର ସ୍ତବ୍ଧ, ଚକିତ, ବିସ୍ମିତ । ଦୁହିଁଙ୍କ ଶବଯାତ୍ରାରେ ଲକ୍ଷ ଲକ୍ଷ ସଂଖ୍ୟାର ଜନଗହଳି । ସମସ୍ତଙ୍କ ମୁହଁରେ ଦୁଃଖର ଆସ୍ତରଣ, ଆଖିରେ ଆଖିଏ ଲୁହ । ସେଦିନ ଶ୍ମଶାନ ଘାଟରେ ଏତେ ସମାଗମ ହୋଇଥିଲା ଯେ ଠିଆହେବାପାଇଁ ମଧ୍ୟ ସ୍ଥାନର ଅଭାବ ପଡିଥିଲା ।

♥ ବିସି-୭୪,ସଲ୍ଟ ଲେକ୍, କଲକତା-୬୪, ମୋ-୯୬୮୧୩୭୩୫୧୨

# ବୋଉ ଓ ଭଗବତ ଗୀତା

♥ ଲକ୍ଷ୍ମୀପ୍ରିୟା ପୃଷ୍ଟି



ବୋଉ କଥା ମନେ ପଡ଼ିଲେ କେତେ କଣ ସ୍ମୃତି ଆପଣାଛାଏଁ ଆଖି ଆଗରେ ଝଲସି ଉଠେ । ସତେ ଯେମିତି ବୋଉ ବିନା ଘର ଶୂନ୍ୟ । ସବୁତ ସେମିତି ଆଗଭଳି ଅଛି । ରୋଷେଇ ଘର, ଶୋଇବା ଘର,ଗାଧୁଆ ଘର, ଠାକୁର ଘର, ଫୁଲ ବଗିଚା ସବୁକିଛି, ହେଲେ ସବୁଠି କେବଳ ଗୋଟେ ଶୂନ୍ୟ ଶୂନ୍ୟ ଭାବ ।

ମୋର ହେତୁ ପାଇବା ଦିନଠୁଁ ମୁଁ ଦେଖିଛି ଆମଘରେ ଭଗବତ ଗୀତା ପ୍ରତ୍ୟେକ ଦିନ ପଢ଼ାହୁଏ । କେବଳ ଯେ ବୋଉ ଗୀତା ପଢେ ତା ନୁହେଁ, ବାପା ବି ପଢ଼ନ୍ତି । ହେଲେ ବୋଉ ପଢାଟା ଟିକେ ନିଆରା । ପୂରା ଶୁଦ୍ଧ ଓ ସ୍ପଷ୍ଟ ଉଚ୍ଚାରଣ କରି ସେ ପଢ଼େ । ଖାଲି ଗୀତା ନୁହେଁ ଅନେକ ପୁରାଣ ମଧ୍ୟ ସେ ସମୟେ ସମୟେ ପଢ଼େ । ଯାହାର ପ୍ରଭାବ ଆମ ଭାଇ ଭଉଣୀଙ୍କ ଉପରେ ଗଭୀର ଭାବେ ପଡ଼ିଥିଲା । ବୋଉ ପାଇଁ ଘର ଥିଲା ଗୋଟେ ମନ୍ଦିର ଭଳି । ତମାମ ଘରଟା ଗୋଟେ ଆଧ୍ୟାତ୍ମିକ ପରିବେଶରେ ବାସ୍ନାୟିତ ଥିଲା ।

ଅଧିକ ପାଠ ପଢ଼ିନଥିଲା ବୋଉ । ମାତ୍ର ସପ୍ତମ ଶ୍ରେଣୀରୁ ତାର ପାଠପଢ଼ାରେ ଡୋରି ବନ୍ଧା ହୋଇଥିଲା । ପ୍ରଥମତଃ ମୋର ମାମୁଁ ଘର ଗାଁ ରେ ହାଇସ୍କୁଲ ନଥିଲା । ଯେଉଁମାନେ ପଢୁଥିଲେ ପୁରୀ ଜିଲ୍ଲା ସ୍କୁଲରେ ପଢୁଥିଲେ । ମୋର ମାମୁଁମାନେ ମଧ୍ୟ ସେଇ ଜିଲ୍ଲା ସ୍କୁଲର ଛାତ୍ର । ଦ୍ୱିତୀୟତଃ ସେତେବେଳେ ଝିଅ ମାନଙ୍କ ପାଠପଢା ପ୍ରତି ଏତେ ଗୁରୁତ୍ୱ ଦିଆ ଯାଉନଥିଲା । ରକ୍ଷଣଶୀଳ ହେଲେହେଁ ମୋର ଅଜା ଜଣେ ଦୁରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ହୋଇଥିବାରୁ ବୋଉକୁ ଘରେ ବହୁତ ବହି ପଢ଼ିବାର ସୁଯୋଗ ଦେଇଥିଲେ ।

ଅଳ୍ପ ପାଠୋଇ ବୋଉଥିଲା ଅସାଧାରଣ ଜ୍ଞାନର ଅଧିକାରିଣୀ । ଏମିତିରେ ଆମଘରକୁ ସେତେବେଳେ ଦୈନିକ ସମ୍ବାଦପତ୍ର ସମାଜ ସମେତ ପୌରୁଷ, ଆସନ୍ତାକାଲି, ସୁଚରିତା, ଜହ୍ନମାମୁଁ, ମନପବନ, ଶିଶୁଲେଖା ସମେତ ଆହୁରି ଅନେକ ପତ୍ର ପତ୍ରିକା ପ୍ରତି ମାସରେ ଆସୁଥିଲା । ଆମେ ପିଲାମାନେ ଶିଶୁ ପତ୍ରିକା ଗୁଡ଼ିକ ପଢୁ । ବୋଉ କିନ୍ତୁ ପ୍ରାୟ ସବୁ ପତ୍ରିକା ଗୁଡ଼ିକ ପଢ଼ିଦିଏ । ସେଥିପାଇଁ ଦେଶ ବିଦେଶର ଖବର ସବୁ ତାର ନଖ ଦର୍ପଣରେ ଥିଲା ।

ରାଜନୀତି ଠାରୁ ଖେଳ, ଚଳଚିତ୍ର, ସାହିତ୍ୟ ସବୁ ଦିଗରେ ତାର ଜ୍ଞାନ ରହିଥିଲା । ମତେ ଆଶ୍ଚର୍ଯ୍ୟ ଲାଗେ ସେ ଏତେକଥା ଜାଣୁଥିଲା କେମିତି ? ଆମେ ଏତେ ପାଠପଢି ଯାହା ଜାଣି ନଥାଉ ସେ ଘରେ ବସି ସବୁ ତଥ୍ୟ ସଂଗ୍ରହ କରି ରଖିଥାଏ । ରୋଗ ବଇରାଗ ପାଇଁ ତ ସେ ଥିଲା ଆମର ପ୍ରଥମ ବୈଦ୍ୟ । ସବୁ ରୋଗର ଚିକିତ୍ସା ସିଏ ବିଭିନ୍ନ ପତ୍ର ପତ୍ରିକାରୁ ପଢ଼ି ମନେ ରଖି ଦେଉଥିଲା ଓ ତାକୁ ଉପଯୁକ୍ତ ସମୟରେ କାମରେ ଲଗାଉଥିଲା । ମୋର ଯାହା ମନେଅଛି ମୁଁ ବିବାହ ପୂର୍ବରୁ ବୋଧହୁଏ କୌଣସି ଡାକ୍ତରୀ ଔଷଧ ଖାଇ ନଥିଲି । ତା'ମାନେ ମୋତେ ଯେ କୌଣସି ରୋଗ ହୋଇନଥିଲା ତା ନୁହେଁ, ଛୋଟ ଛୋଟ ଦେହ ଖରାପକୁ ସେ ତାର ଘରୋଇ ଉପଚାର ଦ୍ୱାରା ଭଲ କରି ଦେଉଥିଲା।

ଆମର ଯେଉଁ ଛୋଟ ବଗିଚାଟି ଅଛି ସେଥିରେ ନାନା ଜାତି ଫୁଲ ଏବେବି ଭରପୂର । ବିଭିନ୍ନ ପ୍ରକାର ମନ୍ଦାର, ଟଗର, କନିଅର, ଚମ୍ପା, କାଠଚମ୍ପା, ଅପରାଜିତା, ମଲ୍ଲୀ, ଅଶୋକ ଆହୁରି କେତେ କଣ ଗଛରେ ଭରପୂର ସେଇ ଟିକି ବଗିଚାଟି । ଛାତ ଉପରେ ବିଭିନ୍ନ ପ୍ରକାର ଗୋଲାପ ଗଛ ମଧ୍ୟ ଲାଗିଥିଲା । ହେଲେ ବୋଉର ବୟସାଧିକ୍ୟହେତୁ ଛାତ ଉପରକୁ ଉଠି ତାର ସଠିକ ରକ୍ଷଣାବେକ୍ଷଣ ନକରିପାରିବାରୁ ସେଗୁଡିକ ମରିଗଲା । ଫୁଲ ଗଛ ଗୁଡିକର ଚାରା ବଜାରରୁ କିଣି ନିଜେ ରୋପଣ କରିବା ସହିତ ଯତ୍ନ ବି ନେଉଥିଲା । ତା ହାତରେ ସବୁ ଗଛ ଭଲ ଉଧାଏ ।

ରାତି ୮ଟାରୁ ୯ଟା ଭିତରେ ଖାଇସାରି ଶୁଏ ବୋଉ । ଉଠେ କିନ୍ତୁ ଭୋର ୪ଟାରୁ । ଠାକୁରଙ୍କ ପାଇଁ ନିଜେ ବାରିରୁ ଫୁଲ ସବୁ ତୋଳି ଆଣେ । ତାପରେ ଟିଭିରୁ ଭଜନ ନିଶ୍ଚିତ ଶୁଣେ । ତାର ଟିଭି ଥିଲା ସ୍ୱତନ୍ତ୍ର । ତା କୋଠରୀରେ ତାର ଅଲଗା ଟିଭି ତା ସାନପୁଅ କିଣି ଦେଇଥିଲା । କାରଣ ତା ଇଚ୍ଛା ମୁତାବକ କାର୍ଯ୍ୟକ୍ରମ ତା ସମୟ ଅନୁଯାୟୀ ସେ ଦେଖୁଥିଲା । ଏଥିରେ ବାଧା ଦେବାର କ୍ଷମତା କାହାର ନଥିଲା ଏମିତିକି ବାପାଙ୍କର ବି । ସକାଳୁ ନିଜର ନିତ୍ୟକର୍ମ ସାରି ଠାକୁର ପୂଜା କରି ନିଜେ ରୋଷେଇ ମଧ୍ୟ କରେ ।


ସୁଆଦିଆ ରୋଷେଇ କରିବାରେ ବୋଉ ଥିଲା ନିପୁଣା । ବୋଧେ ସେଇଥିପାଇଁ କାହାରି ରୋଷେଇ ତାକୁ ଭଲ ଲାଗେନି । ବାପା ମଧ୍ୟ ବୋଉ ହାତରନ୍ଧା ଛଡା ଆଉ କେଉଁଠି ଖାଇବାକୁ ପସନ୍ଦ କରନ୍ତି ନାହିଁ । ଯୁଆଡେ ଗଲେ ବି ବୁଲିବାଲି ଆସି ଘରେ ହିଁ ଖାଆନ୍ତି ।

ବୋଉ ଚାଲିଯିବା ଆଜକୁ ଦୁଇ ବର୍ଷ ହୋଇଗଲାଣି । ପ୍ରତି ମୁହୂର୍ତ୍ତ ରେ ତାର ଅବର୍ତ୍ତମାନ ମୁଁ ଭୋଗି ଚାଲିଛି । ଘର ଭିତରକୁ ପଶି ଯିବା ବେଳକୁ ସବୁଥାଇବି କେମିତି ଗୋଟେ ଶୂନ୍ୟ ଭାବ ଆଚ୍ଛାଦିତ କରୁଛି । ବୋଉ ଥିଲା ଖୁବ ସୁନ୍ଦରୀ । ବିଶେଷ କୌଣସି ସାଜସଜ୍ଜା ନହୋଇ ମଧ୍ୟ ଗୋଟିଏ ନିଚ୍ଛକ ସରଳ ପଣ ତାକୁ ଏକ ଭିନ୍ନ ପରିଚୟ ପ୍ରଦାନ କରୁଥିଲା । ମାତୃଦିବସ ଏବେ ସିନା ପାଳନ ହେଉଛି ଆଗରୁ ଏମିତି କିଛି ନଥିଲା । ବୋଉ ସବୁବେଳେ ଦେବୀଟିଏ ସାଜି ହୃଦୟରେ ଝଲସୁଥାଏ । ପ୍ରତ୍ୟେକ ଦିନ ଗୀତା ପାଠ କଲାବେଳେ ମୋ ଆଖି ଆଗରେ ଝଲସି ଉଠେ ବୋଉର ସେ ଦିବ୍ୟ ଚେତନା ଯୁକ୍ତ ମୁଖମଣ୍ଡଳ ଆଉ ତାର ସେ ଶୁଦ୍ଧ ଉଚ୍ଚାରଣ ।

♥ ଅଧ୍ୟାପିକା,ଓଡ଼ିଆ ବିଭାଗ
ଦଶରଥପୁର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟ
ଯାଜପୁର- ୭୫୫୦୦୬
(ମୋ) ୭୩୭୭୩୧୮୭୮୯

ପଢ଼ିବା ପରେ...

# ପାପୁଲିଏ ବିଶ୍ୱାସ






ତର୍କ ଭିତରେ ସମୟ କରୁଥିବା ବ୍ୟକ୍ତି ବି ଅନ୍ୟମାନଙ୍କୁ ପାପୁଲି ଭର୍ତ୍ତି ବିଶ୍ୱାସ ବାଣ୍ଟୁଥାନ୍ତି । କାହା ହୃଦୟରେ ବସାଟିଏ ବାନ୍ଧି ଲେଖି ପାରନ୍ତି ପ୍ରେମ ଚିଠି । ସାଇତା ଅନୁଭବ ସବୁକୁ ଏକାଠି କରି ବୁହାଇ ପାରନ୍ତି କବିତାର ନଈ । କବି ପ୍ରକାଶ ଚନ୍ଦ୍ର ରାଉତ । ପେଶାରେ ଓକିଲ ନିଶାରେ କବି । ସମାଜ ପ୍ରତି ତାଙ୍କର ରହିଛି କିଛି ଉତ୍ତର ଦାୟିତ୍ୱ, ଆଉ ସେଥିପାଇଁ ସେ ପ୍ରୟାସ ଜାରି ରଖିଛନ୍ତି । କେବେ ସେବା ମାଧ୍ୟମରେ ତ କେବେ କଲମ ସହାୟତାରେ । ସଦ୍ୟ ପ୍ରକାଶିତ ତାଙ୍କର କବିତା ସଂକଳନ ହେଲା 'ପାପୁଲିଏ ବିଶ୍ୱାସ' ଯାହାର ପ୍ରକାଶକ ହେଲେ ବନଫୁଲ ।

ନୀଳ ପୁରୁଷ ଶ୍ରୀକୃଷ୍ଣ ଭୂମିଷ୍ଠ ହେବା ପରି ଏକ ଅଲୌକିକ ଘଟଣା କ୍ରମରୁ ଆରମ୍ଭ ହୋଇଛି ତାଙ୍କର ସୃଜନ ଯାତ୍ରା ।

ସେ ଆସିଲେ ବୋଲି / ଉଭାସିତ ହେଲା କାଳ / ଖୋଲିଲା ବେଡ଼ି, ଶୃଙ୍ଖଳ, ଜଞ୍ଜିର / ଫର୍ଚ୍ଚା ଆଲୁଅରେ ପଥ ପ୍ରଶସ୍ତି ଗଲା ନନ୍ଦ ଘର ଯାଏଁ ...

( ପୃ : ୧୧, ଧରାବତରଣ )

ଖାଲି ପାପର ଭାର ବୃଦ୍ଧି ହେଲେ ତାଙ୍କର ଧରାବତରଣ ହୁଏନି ଭକ୍ତର ପାପୁଲିଏ ବିଶ୍ୱାସର ମୂଲ୍ୟ ଦେବାକୁ ସେ ବି ଅବତରି ଆସନ୍ତି । ସେଇ ବିଶ୍ୱାସ ବଳରେ ଚଣ୍ଡାଳୁଣୀଟିଏ ପାଇପାରେ ସାଆନ୍ତାଣୀର ସିଂହାସନ ।

ରତ୍ନ ପଲଙ୍କରୁ ଓହ୍ଲେଇ ଆସନ୍ତି ନିଦମାନେ / ଜଗତର ଠାକୁରାଣୀ ଆପଣାର କରି ଦିଅନ୍ତି/ ଶ୍ରୀୟାମାନଙ୍କର ବଲୁରିବାସକୁ / ଲକ୍ଷ୍ମୀପାଦର ଛୁଆଁରେ / ଝଟକି ଯାଏଁ ମୁରୁଜ ଓ ଝୋଟି ।

( ପୃ ୧୩, ପାପୁଲିଏ ବିଶ୍ୱାସ )

ଜଳିବାରେ ଯନ୍ତ୍ରଣା ଅନେକ । ମାତ୍ର କାହାକୁ ଆଲୋକିତ କରିବାର ଖୁସି ଅବର୍ଣ୍ଣନୀୟ । ସେ ହୋଇପାରେ ମଣିଷ ଅଥବା ଦୀପ ।

ସେ ତ / ନିରବଧି ଜାଳୁଥାଏ ନିଜ ଦେହଟାକୁ / ବାଣ୍ଟିବାକୁ କୁଡ଼ କୁଡ଼ / ବିଶ୍ୱାସର ଜ୍ୟୋତି ।

( ପୃ :୪୧, ଦୀପ )

କେହି କେହି ମହାତ୍ମା ହେବାର ଇଚ୍ଛାରେ ପାଗଳପଣ କରିଥାନ୍ତି । ଜଳିଥାନ୍ତି । କେହି କେହି ବାଧ୍ୟବାଧକତାରେ, କେହି କେହି ଅଭାଗା ନିଜ ଜୀବନକୁ ସିଡ଼ି କରି ଖରା, ବର୍ଷା, ଶୀତରେ ସିଝୁ ଥାନ୍ତି, ଭିଜୁଥାନ୍ତି, ହଜୁଥାନ୍ତି ସିଡ଼ି ଦେଇ ପାରିଦେଇ ଜୀବନକୁ ।

କେହି ଜଣେ / ସିଡ଼ିଟିଏ ବନେଇଲା ମୋତେ / ଛାତିରେ ଛାତିଏ ବଳ ଦେଲା ମୋତେ / ବୋହିବାକୁ ଖାଉନ୍ଦର ଭାର...

( ପୃ : ୩୯, ସିଡ଼ି ଓ ଅନ୍ଧାର )

କେହି କାହାକୁ ସିଡ଼ି କରି ବଞ୍ଚିବାକୁ ଚାହୁଁଚି, କେହି ପୁଣି ବାଧ ବାଧକତାରେ ସିଡ଼ିଟିଏ ସାଜିଛି । କାହା ଛଳନାକୁ ବୁଝିବା ଏତେ ସହଜ ନୁହେଁ । ଅତଏବ କାହା ଛଳନାରୁ ମୁକ୍ତି ପାଇଁ ଶାନ୍ତିରେ ବଞ୍ଚିବାର ମାର୍ଗ ହେଲା ଜୀବନର ଉର୍ଦ୍ଧ୍ୱ ଉଡ଼ାଣ । ହୃଦୟ ଭିତରେ ଈଶ୍ୱରୀୟ ସତ୍ତାର ଅନ୍ୱେଷଣ ।

ତେଜ୍ୟାକର/ ତୁମ ସମସ୍ତେ ଅହଂକାର, ଲୋଭ /ହୁଅ ନିର୍ବିକାର / ଶୂନ୍ୟ ହାତ ଶୂନ୍ୟକୁ ଟେକିଦେଇ / ଆସ ଆମେ ମିତ ବସିଯିବା

(ପୃ : ୨୩, ଆସ ଆମେ ମିତ ବସିଯିବା)

କବିର ଚିନ୍ତା ଚେତନା ସଦାବେଳେ ପକ୍ଷୀର ଉଡ଼ାଣ ପରି ଉର୍ଦ୍ଧ୍ୱଗାମୀ । ଭିତର ଅଳନ୍ଧୁ ପୋଛିବା ଭିତରେ ବାହାର ଅଳନ୍ଧୁ ପୋଛିବାକୁ ସେ ବ୍ୟଗ୍ରତା ପ୍ରକାଶ କରେ । ତା ସଂସ୍କୃତି ଉପରେ ଆକ୍ରମଣକୁ ସେ ବରଦାସ୍ତ କରି ପାରେନି ।

ଆସ ବଢ଼େଇ ଦେବା ରୁଅ, ବତା, ନଈ, ବିଡ଼ି ନଡ଼ା /ଛପର ହେଉ ଓଳିଛାରୁ ମଥାନ ପର୍ଯ୍ୟନ୍ତ / ସେଇଠି ଜାଳିଦେବା ଦୀପଟିଏ / ଅନ୍ଧାର ବୁଣୁଥିବା ପିଶାଚମାନଙ୍କ ପାଇଁ...

( ପୃ : ୫୨, ଏବେ ଚାଳ ଛାଉଣୀର ବେଳ)

କେବଳ ସଂସ୍କୃତି ଉପରେ ଆକ୍ରମଣ ତାଙ୍କୁ ବ୍ୟଥିତ କରିନାହିଁ । ହିନ୍ଦୁସ୍ତାନରେ ହିନ୍ଦୁ ପ୍ରତି ହେଉଥିବା ଷଡଯନ୍ତ୍ର ବି ତାଙ୍କ ବେନି ନୟନରେ ଅଶ୍ରୁ ଦେଇଚି । ସେଇ ନିର୍ଯାତିତ ହିନ୍ଦୁ ହିଁ ଚକ୍ରଧର ।

ମଣିଷ ଅପେକ୍ଷା ଏଠି ମୁଖା ହିଁ ବେଶ୍ ପ୍ରଭାବୀ / ମାନିବାକୁ ବାଧ / ମଣିଷର ମୁଖା ତଳୁ ମଣିଷକୁ ଖୋଜୁଥିବା / ସଂଖ୍ୟା ଲଘୁ ହିନ୍ଦୁଟିଏ / ଚର୍ଚ୍ଚିତ ଚକ୍ରଧର...


( ପୃ :୫୮, ମୁଖା )

ବେଇମାନିଙ୍କ ଚରିତ୍ର ପଞ୍ଜିକା ପ୍ରସ୍ତୁତ କଲାବେଳେ କବି ଯେମିତି ଥକି ଯାଇ ନାହାନ୍ତି ସେମିତି ସର୍ବହରାର ଦୁଃଖ ବଖାଣ ବେଳେ କବି ପଛେଇ ଯାଇ ନାହାନ୍ତି । 'ସର୍ବହରାର ଭାରତ' ହେଉ ବା 'କେଳାବସ୍ତିରେ ଗଣତନ୍ତ୍ର' ହେଉ ସବୁଠି ସବୁଠି ରହିଛି ଜନ ଗଣ ମନ ସଙ୍ଗୀତ ଭିତରେ ଦୈନ୍ୟ ଦୁଃଖ ଅଭାବର କରୁଣ ଚିତ୍କାର । ୧୧୬ ପୃଷ୍ଠାର ସଂକଳନ ଭିତରେ ରହିଛି ଭିନ୍ନ ଭିନ୍ନ ସ୍ୱାଦର ଏକାବନଟି କବିତା । 'ଧରାବତରଣ' ଠୁଁ 'ଶେଷ ଦୃଶ୍ୟର ଭରସାରେ' କବି ଅଙ୍କିଛନ୍ତି ଭିନ୍ନ ଭିନ୍ନ ସମୟର ଭିନ୍ନ ଭିନ୍ନ ଚିତ୍ର ।♥



ସମୀକ୍ଷା : ବିପ୍ଳବ
ମକୁନ୍ଦପୁର, ବାଙ୍କୀ
ମୋ : ୯୪୩୭୪୬୮୦୧୬

# ଅବହେଳିତ ତଥା ନିଃସହାୟ ପିଲାମାନଙ୍କ ଆଧାର ପଞ୍ଜୀକରଣ ଅଭିଯାନ



ଭଦ୍ରକ, ୨୪/୫ (ନି.ପ୍ର): ରାଷ୍ଟ୍ରୀୟ ଆଇନ୍‌ସେବା ଓ ରାଜ୍ୟ ଆଇନ୍‌ସେବା ପ୍ରାଧୀକରଣଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ ପକ୍ଷରୁ ସାଥୀ ଅଭିଯାନ ମାଧମରେ ନିଃସହାୟ ତଥା ଅବହେଳିତ ପିଲାମାନଙ୍କୁ ଚିହ୍ନଟ ଏବଂ ଆଧାର ପଞ୍ଜୀକରଣ, ଆଇନ୍‌ଗତ ସହାୟତା ପ୍ରଦାନ କରିବା ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ପ୍ରଭାତ କୁମାର ରାଜଗୁରୁ ନିର୍ଦ୍ଦେଶକ୍ରମେ ପୁଣ୍ୟଶ୍ଲୋକ ରଥ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣ, ଭଦ୍ରକଙ୍କ ତତ୍ତ୍ୱାବଧାନରେ ଏକ ସାଥୀ କମିଟି ଗଠନ କରାଯାଇ ସଦସ୍ୟ ରୂପେ ପ୍ୟାନେଲ ଓକିଲ, ପାରାଲିଗାଲ୍ ସ୍ୱେଚ୍ଛାସେବୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ତଥା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ, କିଶୋର ପରିଷଦର ପୋଲିସ୍ ଅଧିକାରୀ, ଶିଶୁ ଯତ୍ନ ପ୍ରତିଷ୍ଠାନର ଅଧୀକ୍ଷକ, ଜିଲ୍ଲାର ୭ଟି ତହସିଲଦାରମାନଙ୍କୁ ନେଇ ଏହି ତାଲିମ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାଥୀ ଅଭିଯାନ ପ୍ରକ୍ରିୟାର ମୂଳ ଲକ୍ଷ୍ୟରୂପେ ଯେପରି କୌଣସି ପିଲା ଆଇନ୍‌ଗତ ପରିଚୟ ବା କୌଣସିଟି ଶିଶୁ ଯେପରି ବିନା ପରିଚୟରେ ନରହିବେ ସେ ସଂପର୍କରେ ବିଷଦଭାବେ ଆଲୋଚନା କରାଯାଇଥିଲା । ଯଦି କୌଣସ ନିଃସହାୟ ପିଲାର ଆଇନ୍‌ଗତ ସହାୟତା ତଥା ସରକାରୀ ଯୋଜନାରେ ଅର୍ନ୍ତଭୁକ୍ତ କରାଇବା ନିମିତ୍ତ ସହାୟତା ପାଇଁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକର ସହଯୋଗ କରିବାକୁ ମଧ ସମସ୍ତଙ୍କର ସହଯୋଗ ଲୋଡ଼ା ଯାଉଅଛି ।

## ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

ନୀଳଗିରି, ୨୪/୫ (ନି.ପ୍ର): ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଶିଶିର ମହାପାତ୍ର ଫାଉଣ୍ଡେସନ ଏବଂ ବାଲେଶ୍ୱର ଲାୟନସ୍ କ୍ଲବର ମିଳିତ ଆନୁକୂଲ୍ୟରେ ମାଗଣା ଚକ୍ଷୁପରୀକ୍ଷା ଶିବିର ନୀଳଗିରି ପୋଷ୍ଟଅଫିସ ନିକଟସ୍ଥ ଅଲସିଜିନ ସ୍ପୋର୍ଟ୍ସ କ୍ଲବ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ୬୮ଜଣ ପଞ୍ଜିକରଣ କରିଥିବା ବେଳେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରାପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୨୮ଜଣ ରୋଗୀଙ୍କର ମୋତିଆ ବିନ୍ଦୁ ଚିହ୍ନଟକରାଯାଇ ତାଙ୍କୁ ଅସ୍ତ୍ରପ୍ରଚାର ପାଇଁ ବାଲେଶ୍ୱରକୁ ପଠାଯାଇଥିଲା । ଉକ୍ତଶିବିରକୁ ଶିଶିର ମହାପାତ୍ର ଫାଉଣ୍ଡେସନର ପ୍ରତିଷ୍ଠାତା ସମାଜସେବୀ ସବ୍ୟସାଚୀ ମହାପାତ୍ର, ଏନଏସି ୬ ନମ୍ବର ୱାର୍ଡ କାଉନସିଲର ପ୍ରତାପ ସେଠୀ, ସମାଜସେବୀ ନିଗମରାଉତ, ଜଗନରାଉତ, ଭରତ ଦାସ, ରମେଶ ଚନ୍ଦ୍ର ପାତ୍ର, ପୂର୍ଣ୍ଣଚନ୍ଦ୍ର ରଣା, କାର୍ତ୍ତିକ ନାୟକ, ଭାସ୍କର ବିଶ୍ୱାଳ, ଦେବାଶିଷ ଦାସ, ଚିନ୍ମୟ ଶରଣ ରାଉତ, ପରିସ୍ମିତା ଦାସ, ଅର୍ଚ୍ଚନା ମହାନ୍ତି ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

## ଓଡ଼ିଶାରେ ସଂରକ୍ଷଣ ବ୍ୟବସ୍ଥା ...

(ପୃଷ୍ଠା ୩ର ଅବଶିଷ୍ଟ ) ଏହି ବର୍ଗର ଅନେକ ଲୋକ ପ୍ରତିନିଧି ବିଧାନସଭା ଓ ଲୋକସଭା ତଥା ସରକାରରେ ଅଛନ୍ତି, ସେମାନେ ବି ଏଦିଗରେ ନୀରବ ରହିବା କ୍ଷୋଭର ବିଷୟ ।

ଯେତେବେଳେ ସରକାର ନୀରବ ଥିଲେ, ବିରୋଧି ଦଳ ମଧ ନୀରବ ଥିଲେ, ଲୋକ ପ୍ରତିନିଧିମାନେ ନୀରବ ଓ ବୁଦ୍ଧିଜୀବୀ ବର୍ଗ ମଧ ନୀରବ ଥିଲେ, ଏପରି ସମୟରେ ସାଧାରଣ ଜନତା ଅଧିକାର ଦାବୀକୁ ବଞ୍ଚାଇ ରଖିଥିଲେ ଓ ବେଳେବେଳେ ରାଜରାସ୍ତାକୁ ଓହ୍ଲାଉ ଥିଲେ । ବିକ୍ଷିପ୍ତ ଓ ଅସନ୍ତୁଷ୍ଟ ଜନତା କ୍ରମେ ତାଙ୍କ ସ୍ୱରକୁ ଅଧିକ ଶାଣିତ କରୁଥିଲେ । ସଂଗଠିତ ମଧ୍ୟ ହେଉଥିଲେ । ଆଗାମୀ ଦିନରେ ଏହା ଏକ ଭୀଷଣ ଆନ୍ଦୋଳନର ରୂପ ନେବାର ସମ୍ଭାବନା ଥିଲା ଓ ରହିଛି ମଧ୍ୟ । ଯାହା ସମ୍ବିଧାନ ଦ୍ୱାରା ସ୍ୱୀକୃତି ଲାଭ କରିଛି, ତାହାର ଉଲ୍ଲଂଘନ ଅର୍ଥ ସମ୍ବିଧାନକୁ ଅବମାନନା । ଅନ୍ୟ ରାଜ୍ୟମାନେ ସାମ୍ବିଧାନିକ ନୀତିନିୟମ ମଧ୍ୟରେ ବର୍ଦ୍ଧିତ ସଂରକ୍ଷଣ ସୁବିଧା ପ୍ରଦାନ କରୁଥିବା ବେଳେ, ଓଡ଼ିଶାରେ ଏହାର ବ୍ୟତିକ୍ରମ ସାଧାରଣ ଜନତାଙ୍କ ପାଇଁ ଅସନ୍ତୋଷର କାରଣ ଥିଲା । ଜନତା ଜାଗିବା ପୂର୍ବରୁ ଏ ଅସଙ୍ଗତିକୁ ହଟାଇବା ଯୁକ୍ତିସଙ୍ଗତ ବୋଲି ବୋଧହୁଏ ସରକାର ଅନୁଭବ କଲେ ଓ ସଂରକ୍ଷଣ ସୀମା ବୃଦ୍ଧି ଘୋଷଣା କରିଛନ୍ତି ।

ନାହିଁ ମାମୁଁଠାରୁ କଣା ମାମୁଁ ଭଲ ନୀତିରେ ସରକାରଙ୍କ ପରିବର୍ଦ୍ଧିତ ସଂରକ୍ଷଣ ଘୋଷଣାକୁ ସ୍ୱାଗତ କରାଯାଇ ପାରେ । କିନ୍ତୁ ରାଜନୈତିକ ଦୃଷ୍ଟିକୋଣରୁ ଏହା ବିଶେଷ ଫଳପ୍ରଦ ହେବ ନାହିଁ । ବରଂ ଏହା ବୁମେରାଂ ହେବ । ବିରୋଧୀଙ୍କ ପାଇଁ ପ୍ରଚାରର ଅସ୍ତ୍ର ମିଳିଯିବ । ସଂରକ୍ଷଣ ବ୍ୟବସ୍ଥାରୁ ସରକାର ଯଦି କିଛି ରାଜନୈତିକ ଫାଇଦା ନେବାକୁ ଚାହୁଁଥାନ୍ତି, ତେବେ ଘୋଷିତ ସଂରକ୍ଷଣ ମେଡିକାଲ, ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ବୈଷୟିକ ଶିକ୍ଷାନୁଷ୍ଠାନ ମାନଙ୍କରେ ମଧ୍ୟ ଲାଗୁ କରିବା ପାଇଁ ପଦକ୍ଷେପ ନିଅନ୍ତୁ । ଏହା ସହିତ ସ୍ୱତନ୍ତ୍ର ନିଯୁକ୍ତି ମାଧ୍ୟମରେ ଏସଇବିସିମାନେ ବିଗତ ଦଶ ବର୍ଷରେ ହରାଇଥିବା ଚାକିରିକୁ ପୂରଣ କରିବା ଏବଂ ଶିକ୍ଷା କ୍ଷେତ୍ରରେ ସମସ୍ତ ସଂରକ୍ଷିତ ବର୍ଗ ହରାଇଥିବା ଆସନକୁ ବର୍ଦ୍ଧିତ ହାରରେ ପ୍ରଦାନ କରି କ୍ଷତିକୁ ଭରଣା କରିବାକୁ ଚେଷ୍ଟା କଲେ ସାଧାରଣ ଜନତାଙ୍କ ଅସନ୍ତୋଷକୁ ପ୍ରଶମିତ କରାଯାଇ ପାରିବ ବୋଲି ମନେହୁଏ । କେବଳ ଏତିକି ନୁହେଁ କିପରି ତତକ୍ଷଣାତ୍ ଏସଇବିସିଙ୍କୁ ୨୭% ସଂରକ୍ଷଣ ସୁବିଧା ଚାକିରି ଓ ଶିକ୍ଷା କ୍ଷେତ୍ରରେ ଦିଆଯାଇ ପାରିବ ସେଦିଗରେ ପଦକ୍ଷେପ ନେବାର ଆବଶ୍ୟକତା ରହିଛି । ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନବାବୁ ଏପରି ପଦକ୍ଷେପ ନେଇ ପାରିଲେ ସେ ନିଜର ଦୃଢ଼ ନେତୃତ୍ୱକୁ ଜାହିର କରିପାରିବେ ।

+ ଦର୍ଶନ ବିଭାଗ (ଅବସରପ୍ରାପ୍ତ),
ବାରିପଦା, ମୟୂରଭଞ୍ଜ,
(ମୋ) ୭୦୦୮୯୭୬୧୮୦

# ରେମୁଣାରେ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ




ବାଲେଶ୍ୱର: ୨୪/୫ : (ନିପ୍ର) : ଶନିବାର ଅପରାହ୍ନ ୪ ଘଟିକା ସମୟରେ ରେମୁଣା ମନ୍ଦିର ଛକ ନିକଟରୁ ରେମୁଣା ହାତିଆଗଣ୍ଡ ଛକ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ, ରେମୁଣା ତରଫରୁ ଏକ ପରାକ୍ରମ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଅପରେସନ ସିନ୍ଦୂରର ସଫଳତା ଏବଂ ଆମ ବୀର ଯବାନମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ ଏହି ଶୋଭାଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ରେମୁଣା ଗୋବିନ୍ଦ ଚନ୍ଦ୍ର ଦାସ, ରେମୁଣା ପଞ୍ଚାୟତ ସମିତି ଅଧକ୍ଷ ରାଜେନ୍ଦ୍ର ରାଉତ, ରେମୁଣା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟକାରୀ ଅଧିକାରୀ କମଳ ବିହାରୀ ଦାସ, ତହସିଲଦାର ଭର୍ତ୍ତହରି ଭୂୟାଁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉତ୍ତମ କୁମାର ଜେନା, ଜିଲ୍ଲା ଭାଜପା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ଜିଲ୍ଲା ଭାଜପାର ପୂର୍ବତନ ସଭାପତି ଉମାକାନ୍ତ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପର୍ଶୁରାମ ପରିଡ଼ା, ନାରୀ ନେତ୍ରୀ ଶୋଭନା ମହାନ୍ତି, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର, ଯୁବମୋର୍ଚ୍ଚା ଉପସଭାପତି ନାରାୟଣ ମହନ୍ତ, ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ରେମୁଣା ବିଧାୟକଙ୍କ ବ୍ୟକ୍ତିଗତ ସହାୟକ କୃଷ୍ଣ ଚନ୍ଦ୍ର ସାହା, ମଣ୍ଡଳ ସଭାପତି ମାୟାଧର ପ୍ରଧାନ, ମାନସ କୁମାର ମହାନ୍ତି, ରଘୁନାଥ ପରିଡ଼ା, ବିବେକ ବିକାଶ ରାଉତ, ପ୍ରଫୁଲ୍ଲ ଦ୍ୱିବେଦୀ, କାଉନସିଲର ଶିବ ଶଙ୍କର ରାୟ, ପୂର୍ବତନ ମଣ୍ଡଳ ସଭାପତି କାହ୍ନୁ ଚରଣ ବେହେରା, ବିଭୂତି ରଞ୍ଜନ ସେନାପତି, ନିତୁନ କୁମାର ସାହା, ବିପିନ ମାରାଣ୍ଡି, କମଳାକାନ୍ତ ପ୍ରଧାନ, ଗଣେଶ୍ୱର ନାୟକ, ଜୟନ୍ତ ମଣ୍ଡଳ,ରବିତା ଦାସଙ୍କ ସମେତ ବହୁ ଝିଅଏ ମହିଳା ମାନେ ଯୋଗ ଦେଇ ସେନାର ଶୌର୍ଯ୍ୟ ଓ ପରାକ୍ରମ ପ୍ରତି ସମ୍ମାନ ଜଣାଇଥିଲେ ।

## କୋଟପା ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଦାବି

ଭୁବନେଶ୍ୱର, ୨୪/୫ (ନି.ପ୍ର): ସରକାରଙ୍କ ତରଫରୁ ନିଶା କାରବାରରେ ରୋକ ଲଗାଇବା ପାଇଁ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଉଛି ବୋଲି ଗଣମାଧମରେ ପ୍ରସାରିତ ହୋଇଛି । ୟୁଥ୍ ଫର୍ ଭଲ୍ୟୁଣ୍ଟାରୀ ୱାର୍କ ତରଫରୁ ଏହି କାର୍ଯ୍ୟକ୍ରମକୁ ସ୍ୱାଗତ କରିବା ସହ ସରକାରଙ୍କୁ ଅବିଳମ୍ବେ କୋଟପା (ସିଗାରେଟ୍ ଆଣ୍ଡ ଅଦର ଟୋବାକ ପ୍ରଡକ୍ଟ ଆକ୍ଟ) ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରିବା ପାଇଁ ଦାବି କରିଛନ୍ତି । ୨୦୧୩ ମସିହାରେ ତମାଖୁ ଜନିତ ବିକ୍ରିବଟା ଉପରେ କଟକଣା ଲଗାଇବା ପାଇଁ କୋଟପା ଆଇନ୍ ପ୍ରଣୟନ କରାଯାଇଥିଲା । ନିୟମର ଧାରା ୪, ୫ ଓ ୬ ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ତମାଖୁ ସେବନ କଲେ ଜୋରିମାନା, ବିଜ୍ଞାପନ ଉପରେ ନିଷେଧାଦେଶ ଓ କୌଣସି ଶିକ୍ଷାନୁଷ୍ଠାନ, ଧାର୍ମିକ ଅନୁଷ୍ଠାନକୁ ଲାଗି ବିକ୍ରି ଉପରେ କଠୋର ଆଇନ୍ ରହିଛି ।

# ରାଜ୍ୟସ୍ତରୀୟ ଯୋଗ ଅଲମ୍ପିୟାଡ଼ ପ୍ରତିଯୋଗିତାରେ ମୟୂରଭଞ୍ଜର କ୍ରିଷ୍ଣା ଦାସ ତୃତୀୟ




ମୟୂରଭଞ୍ଜ, ୨୪/୫ (ନି.ପ୍ର): ମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ, ଓଡିଶା, ଭୁବନେଶ୍ୱର ପତ୍ରାଙ୍କ ସଂଖ୍ୟା ୧୧୦୨୭ ତାରିଖ ୦୮/୦୫/୨୦୨୫ ଚିଠି ଅନୁଯାୟୀ ଚଳିତ ମେ ମାସ ୨୦ ରୁ ୨୨ ତାରିଖ ପର୍ଯ୍ୟନ୍ତ ଓଡିଶା ରାଜ୍ୟସ୍ତରୀୟ ଯୋଗ ଅଲମ୍ପିୟାଡ଼ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାର ବାରିପଦାସ୍ଥିତ ପୋଲିସ ସରକାରୀ ଉଚ୍ଚ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ର କ୍ରିଷ୍ଣା ଦାସ ୧୪ ବର୍ଷରୁ କମ ବାଳକ ବିଭାଗରେ ତୃତୀୟ ହୋଇଛନ୍ତି । ଏହି ସଫଳତା ପାଇଁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ ଶୁଭେଚ୍ଛା ଜଣେଇଛନ୍ତି ।

## ୧୨ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ଗିରଫ

ଭୁବନେଶ୍ୱର, ୨୪/୫ (ନି.ପ୍ର): ଅଧିକ ସୁଧ ଲୋଭରେ ୧୨ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଜଣେ ସାଇବର ଠକକୁ ଗିରଫ କଲା ସାଇବର ଥାନା ପୋଲିସ । ଅଭିଯୁକ୍ତ ପ୍ରମୋଦ କୁମାର ମହାନ୍ତିଙ୍କୁ ଗିରଫ କରିଛି ପୋଲିସ ।ଭୁବନେଶ୍ୱର ଡିସିପି ଜଗମୋହନ ମିନା ଘଟଣାରେ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ମିଲନ କୁମାର ବେହୁରା ୧୨ଲକ୍ଷ ଟଙ୍କା ଠକେଇ ନେଇ ଠକେଇ ନେଇ ଅଭିଯୋଗ କରିଥିଲେ । ମାସକୁ ୭ ପ୍ରତିଶତ ଅଧିକ ସୁଧ ଦେବାକୁ କହି ଠକେଇ କରିଥିଲେ । ତାଙ୍କ ନିକଟରୁ ପୋଲିସ ୩ଟି ମୋବାଇଲ, ଚେକ ବୁକ, ଡେବିଟ କାର୍ଡ, ପ୍ୟାନକାର୍ଡ଼, ରବର ଷ୍ଟାମ୍ପ ଜବତ କରିଛି । ବୈଷ୍ଣବୀ ଏଂଟର ପ୍ରାଇଜେସ ନାଁରେ ଫେକ୍ କମ୍ପାନୀ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି ।

### ବିଜୁ ଜନତାଦଳର ଅଭିଯୋଗ

# ‘ରାଷ୍ଟ୍ରୀୟ ଗୋକୁଳ ମିଶନ’ରେ ପ୍ରକୃତ ହିତାଧିକାରୀଙ୍କୁ ଚୟନ କରାଯାଇନାହିଁ




ଉଦଳା,୨୪/୦୫(ନି.ପ୍ର)- ‘ରାଷ୍ଟ୍ରୀୟ ଗୋକୁଳ ମିଶନ’ ଯୋଜନାରେ କିଛିଦିନ ପୂର୍ବରୁ ଉଦଳା ଠାରେ ଯେଉଁ ହିତାଧିକାରୀ ମାନଙ୍କୁ ଚୟନ କରାଯାଇଛି ଏଥିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଜୁ ଜନତା ଦଳ ତରଫରୁ ଅଭିଯୋଗ କରାଯାଇଛି । ପ୍ରକୃତ ହିତାଧିକାରିଙ୍କୁ ବାଦ ଦେଇ କ୍ଷମତାରେ ଥିବା ଡ଼ବଲ ଇଂଜିନ ସରକାର ନିଜ ଦଳିୟ କର୍ମି ମାନଙ୍କୁ ହିତାଧିକାରି ଭାବରେ ଚୟନ କରିଛି ବୋଲି ବିଜୁ ଜନତାଦଳ ତରଫରୁ ଖୋଲାଖୋଲି କୁହାଯାଇଛି । ଉଦଳାସ୍ଥିତ ବିଜୁ ଜନତାଦଳର କାର୍ଯ୍ୟାଳୟ ପରିସରରେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନଙ୍କ ଅଧକ୍ଷତାରେ ଚଳିତ ମଇ ୨୧ ତାରିଖ ବୁଧବାର ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନିରେ ଦଳ ତରଫରୁ ଏପରି ଏକ ଅଭିଯୋଗ କରାଯାଇଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ପୂର୍ବତନ ନଗରପାଳ ମନୋଜ କୁମାର ମହାନ୍ତି, ବିଜୁ ଜନତା ଦଳର ଉଦଳା ନଗର ସଭାପତି ବନମାଳି ବେହେରା, ୧ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟା ସୁଶାନ୍ତି ସିଂ ପ୍ରମୁଖଙ୍କ ସମେତ ବହୁ ଦଳିୟ କର୍ମି ଉପସ୍ଥିତ ଥିଲେ । ବିଜୁ ଜନତା ଦଳର ଏପରି ଏକ ଦାବିକୁ ବିଭିନ୍ନ ମହଲରେ ସମର୍ଥନ ମିଳୁଥିବାର ଖବର ଆମର ହସ୍ତଗତ ହୋଇଛି ।

# +୨ ପରୀକ୍ଷାରେ ନୀଳମଣି ଉଚ୍ଚ ମାଧମିକ ବିଦ୍ୟାଳୟର ସଫଳତା: ପାସ୍ ହାର ବିଜ୍ଞାନରେ ୯୨.୩୦ % ଓ କଳାରେ ୮୭ %

ବସ୍ତା, ୨୪/୫ (ନିପ୍ର): ୨୦୨୪-୨୫ ଶିକ୍ଷା ବର୍ଷରେ ଓଡ଼ିଶା ଉଚ୍ଚ ମାଧମିକ ଶିକ୍ଷା ପରିଷଦ ପରିଚାଳିତ +୨- ପରୀକ୍ଷାରେ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ନୀଳମଣି ଉଚ୍ଚ ମାଧମିକ ବିଦ୍ୟାଳୟ ସଫଳତା ଅର୍ଜନ କରିଛି । ଛାତ୍ରଛାତ୍ରୀଙ୍କ ଉତ୍ତୀର୍ଣ୍ଣ ହାର ବିଜ୍ଞାନରେ ୮୭% ହୋଇଥିବା ବେଳେ କଳାରେ ୯୨.୩୦% ହୋଇଛି । ବିଜ୍ଞାନରେ ୧୫ ଜଣ ପ୍ରଥମ ଶ୍ରେଣୀ ଓ ୯ ଜଣ ପରୀକ୍ଷାର୍ଥୀ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବାବେଳେ କଳାରେ ୯୯ ଜଣ ପ୍ରଥମ ଶ୍ରେଣୀ, ୩୮ ଜଣ ଦ୍ୱିତୀୟ ଶ୍ରେଣୀ ଓ ୬୧ ଜଣ ପରୀକ୍ଷାର୍ଥୀ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳାରେ ଜଗବନ୍ଧୁ ଦାସ ୫୫୩, ବନ୍ଦନା ସାହୁ ୫୩୦, ପଦ୍ମାଳୟା ପ୍ରଧାନ ଓ ଜ୍ୟୋତି ମଣ୍ଡଳ ୫୧୭, ସସ୍ମିତା ବେହେରା ୫୧୨, ସୁଶ୍ରୀ କାଶିସ ପାତ୍ର ୫୦୫, ଅବିନାଶ ଜେନା ୫୦୩ ଓ ଗୀତା ମହାପାତ୍ର ୫୦୧ ନମ୍ବର୍ ରଖିଥିବାବେଳେ ବିଜ୍ଞାନରେ ଲିସା ଖୁଣ୍ଟିଆ ୪୪୦, ଗାୟତ୍ରୀ ମହାପାତ୍ର ୪୦୮, ଗୁଲାମ୍ ହବିବ ଅଲ୍ଲୀ ଖାଁ ଓ କ୍ରିଷ୍ଣା କୁମାର ବେହେରା ୪୦୩ ନମ୍ବର ରଖି ଅନୁଷ୍ଠାନକୁ ଗୌରବାନ୍ୱିତ କରିଛନ୍ତି । ଏଥିପାଇଁ ଛାତ୍ରଛାତ୍ରୀ, ଅଭିଭାବକ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ଏହି ଅବସରରେ ନୀଳମଣି ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ଡ଼. ତପନ କୁମାର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ....

### ଅଦିନରେ ଗଡ଼ିଲା...

ଏଭଳି ଅଦିନିଆ ରଥଯାତ୍ରା ଆୟୋଜନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଆଗକୁ ମଧ ବିଶ୍ୱର ବିଭିନ୍ନ ସ୍ଥାନରେ ରଥଯାତ୍ରା ପାଳିବାକୁ ତାରିଖ ସ୍ଥିର କରିଛି । ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ । ଜଗନ୍ନାଥ ସଂସ୍କୃତିକୁ ଅବମାନନା କରି କେମିତି ଏ ବର୍ଷ ତିଥି ବାଦ୍ ବିଶ୍ୱର ବିଭିନ୍ନ ସ୍ଥାନରେ ଅଦିନିଆ ରଥଯାତ୍ରା ଆୟୋଜନ ପାଇଁ ଦିନ ଧାର୍ଯ୍ୟ କରିଛି ଅମାନିଆ ଇସ୍କନ, ତାର ବିବରଣୀ ସାମ୍ନାକୁ ଆସିଛି । ପୁରୀ ଜିଲ୍ଲାପାଳ କହିଛନ୍ତି ଇସ୍କନ କିପରି ଏଥିରୁ ବିରତ ହେବ ସେ ଦିଗରେ ଆଲୋଚନା ଚାଲିଛି । ଗତବର୍ଷ ନଭେମ୍ବରରେ ଆମେରିକାର ହ୍ୟୁଷ୍ଟନରେ ଇସ୍କନର ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ତୁମ୍ବିତୋଫାନ୍ ହୋଇଥିଲା । ଏମିତିକି ସ୍କନ୍ଦ ପୁରାଣ ଅନୁସାରେ କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହିଁ ରଥଯାତ୍ରା ପାଳିବାକୁ ଇସ୍କନକୁ ଚିଠି ଲେଖି ଅପିଲ୍ କରିଥିଲେ ଖୋଦ୍ ଗଜପତି ମହାରାଜା ଦିବ୍ୟସିଂହ ଦେବ । ୟୁନାଇଟେଡ୍ ଇସ୍କନ ୱେବସାଇଟରେ ଉପଲବ୍ଧ ତଥ୍ୟ ଅନୁସାରେ- ଜୁନରୁ ସେପ୍ଟେମ୍ବର ମଧ୍ୟରେ ସଂସ୍ଥା, ବ୍ରିଟେନ ଓ ଆୟର୍ଲାଣ୍ଡର ୨୨ଟି ସ୍ଥାନରେ ରଥଯାତ୍ରା ତାରିଖ ସ୍ଥିର କରିସାରିଛି । ଯଦିଓ ଏବର୍ଷ ତିଥି ଅନୁସାରେ ଜୁନ୍ ୨୭ରେ ମହାପ୍ରଭୁଙ୍କ ରଥଯାତ୍ରା ପଡୁଛି, କିନ୍ତୁ ଜୁଲାଇରେ ଲଣ୍ଡନ ସହ ୯ଟି ସ୍ଥାନରେ, ଅଗଷ୍ଟରେ ୫ଟି ଓ ସେପଟେମ୍ବରରେ ୩ଟି ସ୍ଥାନରେ ରଥ ଗଡ଼ାଇବାକୁ ଦିନ ଧାର୍ଯ୍ୟ କରିଛି । ଯାହାକି କୋଟି କୋଟି ଜଗନ୍ନାଥ ପ୍ରେମୀ ଓ ହିନ୍ଦୁଙ୍କ ଧାର୍ମିକ ଭାବନାକୁ ଆଘାତ ବୋଲି ଦର୍ଶାଇଛନ୍ତି ଶ୍ରୀମନ୍ଦିର ସେବାୟତ । ଏହା ବିରୋଧରେ ସଂସଦରେ ସ୍ୱର ଉତ୍ତୋଳନ କରିବାକୁ ସେମାନେ ଦାବି ଉଠାଇଛନ୍ତି । ପୁରୀ ଜିଲ୍ଲାପାଳ କହିଛନ୍ତି ଇସ୍କନ କିପରି ଏଥିରୁ ବିରତ ହେବ ସେ ଦିଗରେ ଆଲୋଚନା ଚାଲିଛି । ଗତବର୍ଷ ନଭେମ୍ବରରେ ଆମେରିକାର ହ୍ୟୁଷ୍ଟନରେ ଇସ୍କନର ଅଦିନିଆ ରଥଯାତ୍ରା ଆୟୋଜନକୁ ନେଇ ତୁମ୍ବିତୋଫାନ୍ ହୋଇଥିଲା । ଏମିତିକି ସ୍କନ୍ଦ ପୁରାଣ ଅନୁସାରେ କେବଳ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ହିଁ ରଥଯାତ୍ରା ପାଳିବାକୁ ଇସ୍କନକୁ ଚିଠି ଲେଖି ଅପିଲ୍ କରିଥିଲେ ଖୋଦ୍ ଗଜପତି ମହାରାଜା ଦିବ୍ୟସିଂହ ଦେବ । ଯାହାପରେ ଇସ୍କନ ନଇଁବା ସହ ସେଠି ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରିଥିଲା । ତାସହ ଗତ ମାର୍ଚ୍ଚ ୨୫ରେ ଭୁବନେଶ୍ୱରରେ ଇସ୍କନ ସ୍କଲାର୍ସମାନଙ୍କ ସହ ବୈଠକରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ଗଜପତି ମହାରାଜାଙ୍କ ସହ ଆଲୋଚନାବେଳେ ସକରାତ୍ମକ ମନୋଭାବ ମଧ ପ୍ରଦର୍ଶନ କରିଥିଲା । ହେଲେ ତା ପରେ ବି ମନମାନି ଚଳାଇଛି । ଯଦିଓ ସାଣ୍ଡଟନ୍ ରଥଯାତ୍ରା ପାଳନ ନେଇ ସଂସ୍ଥା ପକ୍ଷରୁ ଏଯାବତ୍ କୌଣସି ପ୍ରତିକ୍ରିୟା ଆସିନି, ତେବେ ଇସ୍କନ ବାରମ୍ବାର ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁଥିବାରୁ ଏ ଦିଗରେ ହିନ୍ଦୁ ଧର୍ମର ସର୍ବୋଚ୍ଚ ଗୁରୁ ଶଙ୍କରାଚାର୍ଯ୍ୟ କୌଣସି ପଦକ୍ଷେପ ନେବାକୁ ହେଲାଣି ନିବେଦନ ।

### ଚାକିରି କନିଷ୍ଠ ଯନ୍ତ୍ରୀ: ହେଲେ ...

ପୁଳା ପୁଳା ଦାମୀ ଫ୍ଲାଟ ସହ, କୋଠା, ଫାର୍ମ ହାଉସ୍ ଏମିତି କେତେ କଣ । ଭୁବନେଶ୍ୱର ଗଙ୍ଗୋତ୍ରୀ ନଗରରେ ଥିବା ୩ ମହଲା ବିଶିଷ୍ଟ ବହୁତଳ ପ୍ରସାଦ କୌଣସି ହୋଟେଲଠୁ କମ୍ ନୁହେଁ । ୨୫ ଶହ ବର୍ଗଫୁଟ ଜମି ଓ ୬୫ ଶହ ବର୍ଗଫୁଟରେ ତିଆରି କୋଠାରେ ପାଖାପାଖି ୫ରୁ ୬ଟି ପରିବାରକୁ ଭଡା ସୂତ୍ରରେ ଘର ଦିଆଯାଇଛି । ଘର ପାଖକୁ ଲାଗି ୧୫ ଶହ ବର୍ଗ ଫୁଟରେ ଜମିରେ ଆଉ ଏକ କୋଠା ବି ବାଡ଼ିଆ ଚାଲିଛି । ଏତିକି ନୁହେଁ ବାବୁଙ୍କର ଭୁବନେଶ୍ୱର ଓ ପୁରୀରେ ୯ ଟି ଦାମୀ ଫ୍ଲାଟ୍ ତ ଅଛି ତା ସାଙ୍ଗକୁ ପିପିଲି ବିଲିପଡାରେ ବିରାଟ୍ ଫାର୍ମ ହାଉସ୍ ବି ଅଛି । ଏକ ଏକର ଜମିରେ ଥିବା ଫାର୍ମ ହାଉସ । ଏଥିସହ ୫୦ ଲକ୍ଷ ଟଙ୍କାର ବ୍ୟାଙ୍କ ଓ ବୀମା ଜମାରାଶି, ଗୋଟିଏ ଦାମୀ କାର ସହ ଆଉ ଏକ ବେନାମୀ ଦାମୀ କାରର ସନ୍ଧାନ ବି ପାଇଛି ଭିଜିଲାନ୍ସ ଟିମ୍ । ଭୁବନେଶ୍ୱର ସମେତ ଖରିଆରରେ ଥିବା ସୁଶାନ୍ତଙ୍କ ସରକାରୀ କ୍ୱାର୍ଟର, ଅଫିସରେ ରେଡ ଜାରି ରହିଥିବା ବେଳେ ସମ୍ପତ୍ତିର ତାଲିକା ଆହୁରି ଲମ୍ବିବା ନେଇ ଆଶା ରଖିଛି ଭିଜିଲାନ୍ସ ।

### ଆଜିଠୁ ବଢ଼ିବ ...

ଅନ୍ୟପଟେ ୧୮ ଜିଲାର କିଛି ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ଏହିସବୁ ଜିଲାଗୁଡ଼ିକ ମଧ୍ୟରେ ବାଲେଶ୍ୱର, କଟକ, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, ପୁରୀ, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ନବରଙ୍ଗପୁର ଆଦି ରହିଛି ।

### ଚିନ୍ତା ବଢ଼ାଉଛି କରୋନା...

ଶିଶୁ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା । ଏହା ବ୍ୟତୀତ ତେଲେଙ୍ଗାନାରେ କରୋନାର ଏକ ନୂତନ ମାମଲା ରିପୋର୍ଟ ହୋଇଛି । ଏହା ସହିତ, ଗାଜିଆବାଦରେ ୪ ମାମଲା ରିପୋର୍ଟ ହୋଇଛି । ଦେଶର ରାଜଧାନୀ ଦିଲ୍ଲୀରେ ମଧ କରୋନା ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ରାଜଧାନୀରେ ଏପର୍ଯ୍ୟନ୍ତ ୨୩ଟି ସକ୍ରିୟ ମାମଲା ରିପୋର୍ଟ ହୋଇଛି । ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ପଙ୍କଜ ସିଂହ ପରିସ୍ଥିତି ସମୀକ୍ଷା କରିଛନ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି । ମେ’ ମାସରେ କେରଳରେ ଏପର୍ଯ୍ୟନ୍ତ ୨୭୩ଟି ମାମଲା ରିପୋର୍ଟ ହୋଇଛି । ଏହା ଅନ୍ୟ ରାଜ୍ୟ ତୁଳନାରେ ଅଧିକ । ଏହି କାରଣରୁ ଏଠାରେ ସତର୍କତା ଏବଂ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି । କେବଳ ଭାରତରେ ନୁହେଁ ବରଂ ବିଶ୍ୱର ଅନେକ ଦେଶରେ ପୁଣି ଥରେ କରୋନା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଅଧିକାଂଶ ମାମଲା ଥାଇଲାଣ୍ଡ, ଚାଇନା, ହଂକଂ ଏବଂ ସିଙ୍ଗାପୁରରେ ରିପୋର୍ଟ ହେଉଛି । ଏଥର ଏହି ନୂଆ ଭାରିଆଣ୍ଟ ଲୋକଙ୍କୁ ଅଧିକ ଅସୁବିଧାରେ ପକାଉଛନ୍ତି । ଏହା ଔଘ-୧ ଭାବରେ ଜଣାଶୁଣା । ଏହା ହେଲେ ରୋଗୀ ନାକରୁ ପାଣି ବୋହିବା, କାଶ, ମୁଣ୍ଡବିନ୍ଧା, ଜ୍ୱର ଏବଂ କିଛି କ୍ଷେତ୍ରରେ ଗନ୍ଧ ହ୍ରାସର ମଧ ଲକ୍ଷଣ ଦେଖାଯାଉଛି ।


### ଭୁବନେଶ୍ୱରରେ ହେବ ...

ଜିଲ୍ଲାକୁ ପୁରସ୍କୃତ କରାଯିବ । ଗୋଟିଏ ବର୍ଷର ରିପୋର୍ଟ ପ୍ରସ୍ତୁତ ହୋଇଛି । ସମସ୍ତେ ୧ ବର୍ଷର ରିପୋର୍ଟ ଆଣିବେ, ତାକୁ ବିଭାଗ ସମୀକ୍ଷା କରିବ । ସେପଟେ ଏବର୍ଷର ପ୍ରୋଗ୍ରେସ୍ ରିପୋର୍ଟ ଆଣିବେ ଅଧିକାରୀ ମାନେ । ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବିଭାଗୀୟ ମନ୍ତ୍ରୀଙ୍କ ସହ ରାଜସ୍ୱ ଅଧିକାରୀ ମାନେ ଆଲୋଚନା କରିବେ । ରାଜସ୍ୱ ସେବା ପ୍ରଦାନରେ ଯେଉଁମାନେ ଭଲ କାମ କରିଥିବେ ସେମାନଙ୍କୁ ପୁରସ୍କୃତ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

### ପଦାରେ ପଡିଲା ବିଆରଏସର...

ଯେମିତି ଆକ୍ରମଣ କରିବା କଥା ସେମିତି କଲା ନାହିଁ ବୋଲି ଚିଠିରେ ଅଭିଯୋଗ କରିଥିଲେ । କେସିଆରଙ୍କ ଅନୁପସ୍ଥିତିରେ ତାଙ୍କ ପୁଅ କେଟି ରାମା ରାଓ ଓ ତାଙ୍କ ପୁତୁରା ଟି ହରିଶ ରାଓଙ୍କ ଇଙ୍ଗିତରେ ଦଳ ଚାଲିଛି ବୋଲି ପରୋକ୍ଷରେ ସେ ଚିଠିରେ ଉଲ୍ଲେଖ କରିଛନ୍ତି । ଯଦି ଏହା ସତ ହୁଏ ତାହାହେଲେ ବିଆରଏସର ତାଙ୍କ ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠିପାରେ ବୋଲି କବିତା ଭାବୁଛନ୍ତି । ଏହାଛଡା ତେଲେଙ୍ଗାନାର ଶାସକ କଂଗ୍ରେସର ମୁକାବିଲା ପାଇଁ ବିଆରଏସ ଓ ବିଜେପି ମଧ୍ୟରେ ବୁଝାମଣାର ସୁରାକ କବିତା ପାଇଛନ୍ତି । ତାହାହେଲେ କବିତାଙ୍କ ପାଇଁ ବିଆରଏସରେ ରହିବା କାଠିକର ପାଠ ହୋଇପାରେ । ଏହି ଦୃଷ୍ଟିରୁ ଏଭଳି ଚିଠି ମାଧ୍ୟମରେ ବିଆରଏସର ପୋଲ ଖୋଲି କଂଗ୍ରେସକୁ ଯିବା ପାଇଁ ଏବେଠାରୁ ମୈଦାନ ପ୍ରସ୍ତୁତ କରିଥାଇପାରନ୍ତି ।

# SAI SADHANA
## Science Higher Secondary School
(Fully Residential +2 Science and Arts College)




## CHSE RESULT - 2025

100% Result For last 14 Years


Dipankar ehera (525 / 87.5%)


Jigyansha Mohapatra ( 523 / 87.2 %)


Manoranjan Pradhan ( 522 / 87 %)


Diptesh Barik ( 504 / 84 %)


Himanshu Behera ( 484 / 80.7 %)


Bishnupriya Behera ( 484 / 80.7%)


Rashmirekha Barik ( 473 / 78.8 %)


Abanita Das (454 /75.7%)


Asish Kumar Sing ( 471 / 78.54%)


Suryasnata Sing ( 460 / 76.6 %)

### Best Features
- Highly experienced Faculties
- Extra coaching for NEET, IIT- JEE OUAT, NISER
- Own campus with separate Boys & Girls Hostel
- A.C & Smart Board Class Room
- Proctorial System
- Eco- Friendly Campus
- Dibyasinghpur, Udala, Mayurbhanj - 757041
- Contact No: 9437294587, 9437443950, 9937557158, 9438232419, 9438317887


# ଜଳେଶ୍ୱର ଓ ରାଇବଣିଆ ମଣ୍ଡଳ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ପକ୍ଷରୁ ଏ-୧ ଛାତ୍ର ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧନା




ଜଳେଶ୍ୱର, ୨୪/୫ (ନି.ପ୍ର): ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଜଳେଶ୍ୱର ରାଇବଣିଆ ମଣ୍ଡଳ ପକ୍ଷରୁ ଏ-୧ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଓଷ୍ଟା ଜଳେଶ୍ୱରର ସଭାପତି ସୁକୁମାର ମିଶ୍ରଙ୍କ ସଭାପତିତ୍ୱରେ ଏକ ସମ୍ବର୍ଧନା ସମାରୋହ ଜଳେଶ୍ୱର ନୂଆ ବଜାର ସ୍ଥିତ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ସଙ୍କଳ୍ପ ହେଉଛି ସେହି ଶକ୍ତି ଯାହା ଆମକୁ ଆମର ସମସ୍ତ ନିରାଶା ଏବଂ ବାଧାବିଘ୍ନକୁ ଦୂର କରିଥାଏ ।ଏହା ଆମର ଇଚ୍ଛାଶକ୍ତି ନିର୍ମାଣରେ ସାହାଯ୍ୟ କରେ ଯାହା ସଫଳତାର ଆଧାର ହୋଇଥାଏ ବୋଲି ଏହି ସମ୍ବର୍ଦ୍ଧନା ସଭାରେ ବିଧାୟକ ଅଶ୍ୱନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ବିଇଓ ଜଗବନ୍ଧୁ ଜେନା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ମୟୂରଭଞ୍ଜ ଜିଲ୍ଲାର ଠାକୁରମୁଣ୍ଡା ବ୍ଲକର ବିଇଓ କୁଞ୍ଜ ବିହାରୀ ପ୍ରଧାନ,ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁଷୟା ପ୍ରଧାନ,ଏବିଇଓ ଜ୍ୟୋସ୍ନାରାଣୀ ପ୍ରଧାନ,ଏବିଇଓ ତଥା ବି ଆର ସି ସି ଶୁଶାନ୍ତ କୁମାର ଜେନା,ଓଷ୍ଟା ବ୍ଲକ ସଂପାଦକ ହରେକୃଷ୍ଣ ଜେନା,ଜିଲ୍ଲା ଓଷ୍ଟା ସଭାପତି ମନୋରଞ୍ଜନ ଦାସ,ରାଇବଣିଆ ମଣ୍ଡଳର ସଭାପତି ଓଷ୍ଟା ହରମୋହନ ମହନ୍ତ,ସ୍କୁଲ କମିଟିର ସଭାପତି ଜୟନାରାୟଣ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁନୀଲ ନାୟକ,ପ୍ରକ୍ତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପ୍ରଧାନ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ମୁରଲୀ ମୋହନ ପ୍ରଧାନ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶଶିକାନ୍ତ ପ୍ରଧାନ,ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରାଣକୃଷ୍ଣ ଗିରି,ପ୍ରାକ୍ତନ ପ୍ରଧାନ ଶିକ୍ଷକ ମନୋଜ କୁମାର ମାହାନ୍ତି,ପ୍ରାକ୍ତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ମାହାନ୍ତି,ପ୍ରଧାନ ଶିକ୍ଷକ ଡଃ ଅଜିତ କୁମାର ମାହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ଜିଲ୍ଲାର ଚତୁର୍ଥ ତଥା ଜଳେଶ୍ୱର ବ୍ଲକ ଟପର ଏ-୧ ପାଇଥିବା ଛାତ୍ରୀ ଶିକ୍ଷ୍ୟାଦର୍ଶନି ପରିଡ଼ା,ବ୍ଲକର ଅଷ୍ଟମ ଅମ୍ରିତା ଜେନା ଓ ବ୍ଲକର ଦ୍ୱିତୀୟ ଜ୍ୟୋତିରାଦିତ୍ୟ ପତି ବକ୍ତବ୍ୟ ପ୍ରଦାନ କରିଥିଲେ ।ଶିକ୍ଷକ ସରୋଜ ପାଣିଗ୍ରାହୀ ମଞ୍ଚ ଆହ୍ୱାନ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅର୍ଜ୍ଜୁନ ଚନ୍ଦ୍ର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ ।ମୋଟ ଜଳେଶ୍ୱର ବ୍ଲକର ଏ-୧ ପାଇଥିବା ୩୬ ଜଣ ଛାତ୍ର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା କରାଯାଇ ଥିଲା ।ଜଳେଶ୍ୱର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ପରିଚାଳନା କରିଥିଲେ ।

# ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଜୟନ୍ତୀ

ବାସୁଦେବପୁର, ୨୪/୫ (ନି.ପ୍ର): ବାସୁଦେବପୁର ସହରରେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ, ସ୍ୱାଧୀନତା ସଂଗ୍ରାମୀ ଓ ସାହିତ୍ୟିକ ନୀଳମଣି ରାଉତରାୟଙ୍କ ୧୦୫ ତମ ଜୟନ୍ତୀ ପାଳିତ ହୋଇ ଯାଇଛି । ଏହି ଜୟନ୍ତୀ ଉତ୍ସବ ରେ ସମସ୍ତେ ସଂଗ୍ରାମୀ ନୀଳମଣି ରାଉତରାୟଙ୍କ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ଏବଂ ନୀଳମଣି ରାଉତରାୟଙ୍କ ସଂଗ୍ରାମୀ ଜୀବନ ଓ ରାଜନୈତିକ ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଜୟନ୍ତୀ ଉତ୍ସବରେ ବିଜୁ ଜନତା ଦଳର ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ବରିଷ୍ଠ ନେତା ପ୍ରଫୁଲ୍ଲ ପଳିତା, ପ୍ରଫୁଲ୍ଲ ବିଶ୍ୱାଳ, ଗୌତମ ସେଠି, ଉତ୍ତମ ବାରିକ, ମାନସ ସାହୁ, ଉମେଶ ଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ମଲିକ, ବିଜୟ ମହାନ୍ତି, ରବିନ୍ଦ୍ର ନାୟକ, ଶାରଦା ମହାନ୍ତି, ଚନ୍ଦନ ସେନ୍, ଲକ୍ଷ୍ମୀକାନ୍ତ ନାୟକ, କାଳନ୍ଦୀ ସାହୁ, କୁନା ତ୍ରିପାଠୀ, ଶରତ ବାରିକ୍, ଉମାକାନ୍ତ ମହାଳିକ,ରମାକାନ୍ତ ଦାସ, ଖଗେନ୍ଦ୍ର ପ୍ରସାଦ ଦାସ, ରାଜ କିଶୋର ବାରିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବାସନ୍ତୀ ବାଲାଜୀ ବୃଦ୍ଧା ଆଶ୍ରମରେ ଅନ୍ତେବାସୀ ମାନଙ୍କୁ ଓ ମେଡ଼ିକାଲ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରା ଯାଇଥିଲା। ବିଜେଡ଼ି କାର୍ଯ୍ୟାଳୟରେ ଓ ନୀଳମଣି ରାଉତରାୟ ମାର୍କେଟ କମ୍ପ୍ଲେକ୍ସ ଠାରେ ଏହି ଜନ୍ମ ଦିନ ଉତ୍ସବ ପାଳିତ ହୋଇ ଯାଇଛି।


# ADMISSION OPEN
# BAISINGA I.T.I
: TRADE :
FITTER & ELECTRICIAN
Affiliated to NCVT, Govt. of India, New Delhi
Baisinga, Mayurbhanj, Odisha
9937861296
7846866623, 8327799536


# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ବ୍ୟବସାୟ ପ୍ରଶାସନ ବିଭାଗର ଜାତୀୟ ଆଲୋଚନାଚକ୍ର




ବାରିପଦା ୨୪/୫ : (ନିପ୍ର) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ବ୍ୟବସାୟ ପ୍ରଶାସନ ବିଭାଗ ଦ୍ୱାରା ଆୟୋଜିତ ଏକ ଦୁଇ ଦିବସୀୟ ଜାତୀୟ ଆଲୋଚନାଚକ୍ରର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । 'ବ୍ୟବସାୟ ଏବଂ ପରିଚାଳନାର ଉଦୀୟମାନ ପରିଦୃଶ୍ୟ: ଭବିଷ୍ୟତର ରଣନୀତି' ଶୀର୍ଷକ ଏହି ଆଲୋଚନାଚକ୍ରକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ପୃଷ୍ଠପୋଷକ ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ନିଜ ବକ୍ତବ୍ୟରେ ପ୍ରଫେସର ତ୍ରିପାଠୀ ଭବିଷ୍ୟତର ବ୍ୟବସାୟିକ ଆହ୍ୱାନ ଗୁଡ଼ିକର ମୁକାବିଲା ପାଇଁ ଅଭିନବ ରଣନୀତି ଆପଣେଇବାକୁ ହେବ ବୋଲି କହିବା ସହ ପରିବର୍ତ୍ତନକୁ ଗ୍ରହଣ କରିବା ହେଉଛି ଆଜିର ଗତିଶୀଳ ବିଶ୍ୱରେ ସ୍ଥାୟୀ ବ୍ୟବସାୟ ଅଭିବୃଦ୍ଧିର ମୂଳଦୁଆ ବୋଲି ମତପୋଷଣ କରିଥିଲେ । 'ବାଣିଜ୍ୟେ ବସତି ଲକ୍ଷ୍ମୀ' ଓ 'ଉଦ୍ୟମେ ସର୍ବସିଦ୍ଧି' ଏହି ଦୁଇଟି ଉକ୍ତିର ଆଲୋଚନା କରି ବ୍ୟବସାୟରେ ସାଧୁତାର ଅବଲମ୍ବନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ନର୍ଥ ଓଡ଼ିଶା ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ସଭାପତି ଡ. ପ୍ରଜୟ କୁମାର ଡାଭେ ଯୋଗଦେଇ ନିଜ ବକ୍ତବ୍ୟରେ ବ୍ୟବସାୟ ପରିଚାଳନାରେ ଦୃଢ଼ ମନୋଭାବ ଉପରେ ଗୁରୁତ୍ୱାରୋପ କରି ନେତୃତ୍ୱକୁ ସ୍ପଷ୍ଟ ଲକ୍ଷ୍ୟ ସହ ପାଦେ ପାଦେ ଆଗକୁ ବଢ଼ିଲେ ବ୍ୟବସାୟର ବିଭିନ୍ନ ବିପଦର ମୁକାବିଲା କରି ସଫଳତା ପାଇହେବ ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ ଟ୍ରାଇଡେଣ୍ଟ ଏକାଡେମୀର ପ୍ରଫେସର ପି. କେ. ମହାନ୍ତି ଯୋଗଦେଇ ନିଜ ଅଭିଭାଷଣରେ ଭବିଷ୍ୟତର ଅନିଶ୍ଚିତତାକୁ ଦୂର କରିବା ପାଇଁ ସ୍ଥାୟୀ ବ୍ୟବସାୟ ମଡେଲଗୁଡ଼ିକୁ ପ୍ରଯୁକ୍ତିବିଦ୍ୟା ଏବଂ ନୈତିକ ଶାସନକୁ ସମନ୍ୱିତ କରିବାକୁ ପଡିବ ବୋଲି ମତବ୍ୟକ୍ତ କରିବା ସହ ସାଂଗଠାନିକ ସଂସ୍କୃତିରେ ପରିବର୍ତ୍ତନ ସହ ସଂସ୍କୃତିର ପ୍ରବାହ ପରିଚାଳନା କରିବାକୁ ହେବା ବୋଲି କହିଥିଲେ। ରିମୋଟ ୱାର୍କ ଆଜିର ଯୁଗର ବାସ୍ତବତା ଏବଂ ହାଇବ୍ରିଡ କାର୍ଯ୍ୟଶୈଳୀ ଦ୍ୱାରା ଉତ୍ପାଦକତା ବୃଦ୍ଧି ପାଉଛି ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଏ.ଏସ୍.ବି.ଏମ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ରଞ୍ଜନ କୁମର ବଳ ଯୋଗଦେଇ ନିଜ ବକ୍ତବ୍ୟରେ ଏକ ଅନିଶ୍ଚିତ ଭବିଷ୍ୟତରେ ପ୍ରତିଯୋଗିତାମୂଳକ ରହିବା ପାଇଁ ବ୍ୟବସାୟଗୁଡ଼ିକୁ ଡିଜିଟାଲ୍ ପରିବର୍ତ୍ତନର ଉପଯୋଗ କରିବାକୁ ପଡିବ ବୋଲି କହିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁ ପୃଷ୍ଠପୋଷକ ଭାବେ ଯୋଗଦେଇ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ବିଭାଗୀୟ ସଂଯୋଜକ ପ୍ରଫେସର ସୁକାନ୍ତ କୁମାର ନାୟକ ମଞ୍ଚାସୀନ ଥିଲେ । ଆଲୋଚନାଚକ୍ରର ଆବାହକ ବିଭାଗୀୟ ସହକାରୀ ପ୍ରଫେସର ଡ. ସୀତାରାମ ଦାସ ଆଲୋଚନାଚକ୍ରର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବିଷୟରେ ବିବରଣୀ ରଖିଥିଲେ ଓ କାର୍ଯ୍ୟକାରୀ ସମ୍ପାଦକ ଅଧ୍ୟାପକ ବିବେକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଆଲୋଚନାଚକ୍ରରେ ୪୨ ଜଣ ଗବେଷକ/ ଗବେଷିକା ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ ଓ ୧୦୦ରୁ ଊର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗ ନେଇଥିଲେ। ଏହି ଆଲୋଚନାଚକ୍ରର ଉଦଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ।

# ବଡ଼ସାହି କଲେଜରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

ବଡ଼ସାହି,୨୪/୫ : (ନିପ୍ର) : ସ୍ଥାନୀୟ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଭାବେ ରଞ୍ଜନ କୁମାର ଦାସ ଯୋଗଦେଇଛନ୍ତି । ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଆଦିକବି ସାରଳା ଦାସ କଲେଜରେ ସେ ପୂର୍ବରୁ କାର୍ଯ୍ୟରତ ଥିଲେ। ବଡ଼ସାହି କଲେଜର ପୂର୍ବତନ ଅଧ୍ୟକ୍ଷ କୃପାସିନ୍ଧୁ ମହାକୁଡଙ୍କ ଅବସର ପରେ ବରିଷ୍ଠ ଅଧ୍ୟାପକ ଫକୀର ଚରଣ ସାହୁ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ନୂତନ ଅଧ୍ୟକ୍ଷ ରଞ୍ଜନ କୁମାର ଦାସ ଆଜି ତାଙ୍କ ଠାରୁ ସମସ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି ।ଏହି ଅବସରରେ କଲେଜ ପକ୍ଷରୁ ଅଧ୍ୟାପକ ଡ:ଜୀବନ କୁମାର ପଣ୍ଡିତ, ଶୈଳେଶ ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣ ଶିକ୍ଷକ ଗଣ ନୂତନ ଅଧ୍ୟକ୍ଷଙ୍କୁ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida